# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.167 Bhubaneswar Friday Auguest 19 2022 | ୨୫ତମ ବର୍ଷ ସଂଖ୍ୟା-୧୬୭ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ଆତଙ୍କୀ ହମଲା ଆଶଙ୍କା ! ସମୁଦ୍ରରୁ ଭାସି ଆସିଲା ସନ୍ଦିଗ୍ଧ ଡଙ୍ଗା ସହ ୩ ଏକେ-୪୭



ମୁମ୍ବାଇ: ପୁଣି ୨୬/୧୧ ହମଲାର ପୁନରାବୃତ୍ତି କରିବାକୁ ଯୋଜନା କରିଥିଲେ କି ଆତଙ୍କୀ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇକୁ ରକ୍ତରଞ୍ଜିତ କରିବାକୁ ହୋଇଥିଲା କି ସାଂଘାତିକ ଷଡଯନ୍ତ୍ର ? କାରଣ ଆଜି ମହାରାଷ୍ଟ୍ରର ରାଇଗଡ ଜିଲ୍ଲାର ହରିହରେଶ୍ୱର ସମୁଦ୍ର କୂଳରୁ ମିଳିଛି ଗୋଟିଏ ପରିତ୍ୟକ୍ତ ଡଙ୍ଗା । ଏହି ଡଙ୍ଗାରେ ରହିଛି ୩ଟି ଏକେ ୪୭, ଅନେକ ପରିମାଣର ଗୁଳି ଓ ବିସ୍ଫୋରକ ସାମଗ୍ରୀ । ୨୦୦୮ ମସିହା ନଭେମ୍ବର ୨୬ରେ ଆତଙ୍କବାଦୀମାନେ ଠିକ୍ ଅନୁରୂପ ଭାବେ ଡଙ୍ଗାରେ ଅସ୍ତ୍ରଶସ୍ତ୍ର ଆଣି ମୁମ୍ବାଇରେ ୩ ଦିନ ଧରି ଭୟଙ୍କର ହମଲା କରିଥିଲେ । ତେଣୁ ଏହା ପଛରେ ମଧ୍ୟ ଆତଙ୍କୀଙ୍କ ଷଡଯନ୍ତ୍ର ଥିବା ଆଶଙ୍କା କରି ପୂରା ମହାରାଷ୍ଟ୍ରରେ ହଇଚଇ ସୃଷ୍ଟି ହୋଇଛି । ଏଟିଏସ୍ ଓ ରାଇଗଡ ପୁଲିସ୍ ଘଟଣାର ଯାଞ୍ଚ କରୁଥିବା ବେଳେ ଏନଆଇଏ ମଧ୍ୟ ଦିଲ୍ଲୀରୁ ରାଇଗଡ ଅଭିମୁଖେ ବାହାରିଛି । ଏହାର ଯାଞ୍ଚ ଚାଲିଥିବା ବେଳେ ସେହି ରାଇଗଡରୁ ଆଉ ଗୋଟି ପରିତ୍ୟକ୍ତ ଡଙ୍ଗା ମିଳିଛି ।ଆତଙ୍କୀ ଷଡଯନ୍ତ୍ରର ଆଶଙ୍କା କରାଯାଉଥିବା ବେଳେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ବଡ ବୟାନ ଦେଇଛନ୍ତି । ସେ ଏହି ଅସ୍ତ୍ରଶସ୍ତ୍ର ଭର୍ତ୍ତି ପରିତ୍ୟକ୍ତ ଡଙ୍ଗାଟି ଜଣେ ଅଷ୍ଟ୍ରେଲିଆ ଦମ୍ପତିଙ୍କର ବୋଲି କହିଛନ୍ତି । ଏହାର ଇଞ୍ଜିନ ଖରାପ ହେବା ପରେ ସେମାନେ ଏହାକୁ ସମୁଦ୍ର ମଧ୍ୟରେ ହିଁ ଛାଡି ଦେଇଥିଲେ । ଉଚ୍ଚ ଜୁଆର ଯୋଗୁ ଏହା ଭାସି ଆସି ରାଇଗଡରେ ଲାଗିଛି । ପ୍ରାଥମିକ ତଦନ୍ତରୁ ଏହା ପଛରେ କୌଣସି ଆତଙ୍କୀ ଷଡଯନ୍ତ୍ର ଥିବା ସ୍ପଷ୍ଟ ହୋଇନି । ତଥାପି ଘଟଣାର ସବୁ ଦିଗକୁ ବିଚାରକୁ ନେଇ ତଦନ୍ତ କରାଯାଉଥିବା ସେ କହିଛନ୍ତି ମିଳିଥିବା ସୂଚନା ଅନୁଯାୟୀ, ଇଞ୍ଜିନ ଖରାପ ଥିବା ଡଙ୍ଗାଟି ମୁମ୍ବାଇ ଠାରୁ ୧୯୦ କିମି ଦୂର ରାଇଗଡର ହରିହରେଶ୍ୱର ସମୁଦ୍ରକୂଳରୁ ମିଳିଛି । କିଛି ସ୍ଥାନୀୟ ଲୋକ ଡଙ୍ଗାଟି ସମୁଦ୍ରରେ ଭାସୁଥିବାରୁ ଦେଖି ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ କର୍ମଚାରୀମାନେ ଡଙ୍ଗାକୁ ପାଣିରୁ ଆଣି ଯାଞ୍ଚ କରିବା ପରେ ଏହା ମଧ୍ୟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମିଳିଛି । ଏହାପରେ ପୂରା ରାଇଗଡରେ ଆତଙ୍କୀ ହମଲା ଆଶଙ୍କାରେ ହାଇଆଲର୍ଟ ଜାରି କରାଯାଇଛି ।ଜବତ ଡଙ୍ଗାର ନାଁ ଲେଡି ହାନ । ଏହାର ମାଲିକାର ଅଷ୍ଟ୍ରେଲିଆର ହାନା ଲାଉଣ୍ଡେରଗନଙ୍କ ନାଁରେ ରହିଛି । ତାଙ୍କ ସ୍ୱାମୀ ଜେମ୍ସ ହାର୍ବଟ ଏହି ଡଙ୍ଗାର କ୍ୟାପ୍‌ଟେନ । ୧୬ ମିଟର ଲମ୍ବ ଡଙ୍ଗାଟି ମସ୍କଟ ଦେଇ ୟୁରୋପ ଯିବାର ଥିଲା । କିନ୍ତୁ ଜୁନ୍ ୨୬ରେ ଇଞ୍ଜିନରେ ସମସ୍ୟା ଦେଖାଦେଇଥିଲେ । ଉଦ୍ଧାରକାରୀ ଦଳ ଏଥିରେ ଥିବା ଲୋକଙ୍କୁ ସେଦିନ ଦିନ ୧ଟା ବେଳେ ସମୁଦ୍ରରୁ ଉଦ୍ଧାର କରିଥିଲେ । ହେଲେ ଡଙ୍ଗାଟିକୁ କୂଳକୁ ନିଆଯାଇ ପାରି ନଥିଲା । ଉଚ୍ଚ ଜୁଆର ଯୋଗୁ ଏହା ଗଭୀର ସମୁଦ୍ର ମଧ୍ୟକୁ ଭାସିଯାଇଥିଲା । ଶେଷରେ ଆଜି ଏହାକୁ ରାଇଗଡର ହରିହରେଶ୍ୱର ସମୁଦ୍ର କୂଳରୁ ଠାବ କରାଯାଇଥିବା କୁହାଯାଉଛି ।କିନ୍ତୁ ଡଙ୍ଗାରେ ଅସ୍ତ୍ରଶସ୍ତ୍ର କାହିଁକି ରହିଥିଲା ଓ ତଦନ୍ତରୁ ସାମ୍ନାକୁ ଆସିଥିବା ତଥ୍ୟରେ କେତେ ସତ୍ୟତା ରହିଛି, ସେକଥା ଏଯାଏ ସ୍ପଷ୍ଟ ହୋଇନି । ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ତଟରକ୍ଷୀ ବାହିନୀ ଓ ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ରାଇଗଡ ବିଧାୟକ ଆଦିତି ଟାଟକେର ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରିବାକୁ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ । ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଏପରି ଅସ୍ତ୍ରଶସ୍ତ୍ର ମିଳିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି । ତଟରକ୍ଷୀ ବାହିନୀର ଜଣେ ଅଧିକାରୀ କହିଛନ୍ତି, ସୁରକ୍ଷା ପ୍ରତି କୌଣସି ପ୍ରକାରର ବିପଦ ନାହିଁ । ଡଙ୍ଗାଟି ଓମାନରୁ ୟୁରୋପ ଯିବାର ଥିଲା । ତେବେ ମସ୍କଟ ନିକଟରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା । ଏଥିରେ ଥିବା ଲୋକମାନେ ସାହାଯ୍ୟ ପାଇଁ ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରିଥିଲେ । ସମସ୍ତଙ୍କୁ ଜୁନ୍ ୨୬ରେ ଉଦ୍ଧାର କରାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି ।

## ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ଭୁବନେଶ୍ୱର,୧୮।୮(ପି.ଏନ): ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୨ଟି ଗେଟ୍ ବନ୍ଦ କରି ଦିଆଯାଇଛି । ଏବେ ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ସଂନ୍ଧ୍ୟା ୬ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୩.୬୦ ଫୁଟ୍ ରହିଛି । ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩,୯୫,୮୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪,୮୧,୪୯୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ସଂନ୍ଧ୍ୟା ୬ ଟା ସୁଦ୍ଧା ଖଇରାମାଳ ଦେଇ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୮ ଲକ୍ଷ ୬୨ ହଜାର ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

## ଜନ୍ମାଷ୍ଟମୀ ଉପଲକ୍ଷେ ରାଷ୍ଟ୍ରପତିଙ୍କ ବାର୍ତ୍ତା




ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜନ୍ମାଷ୍ଟମୀ ଉପଲକ୍ଷେ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ଯେ "ଜନ୍ମାଷ୍ଟମୀ ଶୁଭ ଅବସରରେ ମୁଁ ଭାରତ ତଥା ବିଦେଶରେ ରହୁଥିବା ସମସ୍ତ ନାଗରିକଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଭଗବାନ କୃଷ୍ଣଙ୍କ ଜୀବନ ଏବଂ ଶିକ୍ଷାଗୁଡ଼ିକ ସୁସ୍ଥତା ଏବଂ ଗୁଣର ବାର୍ତ୍ତା ଅନ୍ତର୍ଭୁକ୍ତ କରିଥିଲା । ସେ "ନିଷ୍କାମ କର୍ମ ଯୋଗ" ର ପ୍ରଚାର କରିଥିଲେ ଏବଂ 'ଧର୍ମ' ପଥ ମାଧ୍ୟମରେ ଚରମ ସତ୍ୟର ପ୍ରାପ୍ତି ବିଷୟରେ ଲୋକଙ୍କୁ ଅବଗତ କରିଥିଲେ । ମୁଁ ପ୍ରାର୍ଥନା କରୁଛି ଯେ ଜନ୍ମାଷ୍ଟମୀର ଏହି ପର୍ବ ଆମ ଚିନ୍ତାଧାରା, ଶବ୍ଦ ଏବଂ କାର୍ଯ୍ୟରେ ସତ୍ ମାର୍ଗ ଅନୁସରଣ କରିବାକୁ ପ୍ରେରଣା ଦିଏ ।"

# ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ୧୫ ଦିନ ପାଇଁ ରିଲିଫ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ଆକାଶମାର୍ଗରୁ ରାଜ୍ୟର ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି । ବନ୍ୟାଂଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଂଚଳ ପାଇଁ ରିଲିଫ ସହାୟତା ଘୋଷଣା କରିଛନ୍ତି ।ଖୋର୍ଦ୍ଧା , ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଯେଉଁ ଗାଁ ମାନଙ୍କ ରେ ପାଣି ପଶିଛି ସେଠାରେ ବିପନ୍ନ ଲୋକ ମାନଙ୍କୁ ୧୫ଦିନ ରିଲିଫ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାର ପାଣି ପଶିଥିବା ଗାଁ ର ଲୋକମାନଙ୍କୁ ୭ ଦିନ ପାଇଁ ରିଲିଫ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ପାଣି ଛାଡିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ତାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଂଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ଯଥା; ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଓ ପଶୁଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଗୁରୁବାର ଆକାଶ ମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

# ଗୁମ୍ଫାରେ ନେଇଥିଲେ ଆଶ୍ରୟ, ହଠାତ୍ ଖସିଲା ବିରାଟକାୟ ପଥର



ଜୟପୁର ,୧୮।୮(ପି.ଏନ): ଜଙ୍ଗଲରେ ପ୍ରବଳ ବର୍ଷା ହେଉଥିବାରୁ ଗୁମ୍ଫାରେ ଆଶ୍ରୟ ନେଇଥିଲେ । ଠିକ୍ ସେହି ସମୟରେ ଖସିଥିଲା ବିରାଟକାୟ ପଥର । ଆଉ ସେହି ପଥର ତଳେ ଚାପି ହୋଇଯାଇଥିଲେ ଦୁଇ ଯୁବକ । ଏପରି ହୃଦୟ ବିଦାରକ ଘଟଣା କୋରାପୁଟ ଜିଲ୍ଲାରେ ଘଟିଛି । ତେବେ ଅନ୍ୟ ୩ ଜଣଙ୍କ ପତ୍ତା ମିଳିନାହିଁ । ଅନ୍ୟପକ୍ଷରେ ନିଖୋଜ ହୋଇଥିବା ୩ ଜଣ ବ୍ୟକ୍ତି କିଏ ? ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପରିଚୟ ମିଳିପାରି ନାହିଁ ।ବୈପାରୀଗୁଡା ଥାନା ହଳଦୀଗୁଣ୍ଡା ଗାଁର ଜୟଦେବ ଧାରୁଆ ଓ ସମାରୁ ଧାରୁଆଙ୍କ ପୁଅ ତ୍ରିଲୋଚନ ମାଳିପଦର ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବେପାର କରନ୍ତି । ଗତ ମଙ୍ଗଳବାର ଧାରୁଆ ଓ ତ୍ରିଲୋଚନଙ୍କ ସମେତ ୫ ଜଣ ଜଙ୍ଗଲକୁ ଯାଇଥିଲେ । ସେହି ସମୟରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁ ସେମାନେ ସାବେରୀ ନଦୀ କୂଳରେ ଥିବା ଗୁମ୍ଫା ଭିତରେ ଆଶ୍ରୟ ନେଇଥିଲେ । ଠିକ୍ ସେହି ସମୟରେ ଗୁମ୍ଫାରୁ ବିରାଟକାୟ ପଥର ଖସିଥିଲା । ଜୟଦେବ ଓ ତ୍ରିଲୋଚନ ସେହି ପଥର ଭିତରେ ଚାପି ହୋଇଯାଇଥିଲେ । ଚିତ୍କାର କରିଥିଲେ ମଧ୍ୟ କେହି ଶୁଣିନଥିଲେ । ପରିବାର ଲୋକ ମଧ୍ୟ ସେମାନଙ୍କ ପତ୍ତା ପାଇନଥିଲେ ।ବର୍ଷା ଛାଡିବା ପରେ ବୁଧବାର ମାଳିପଦର ଗାଁର କିଛି ଲୋକ ସାବେରୀ ନଦୀକୁ ମାଛ ଧରିବାକୁ ଯାଇଥିଲେ । ମାଛ ଧରୁଥିବା ବେଳେ ପ୍ରବଳ ବର୍ଷା ହୋଇଥିଲା । ଯେଉଁଥିପାଇଁ ସେମାନେ ସେହି ଗୁମ୍ଫା ଭିତରେ ପଶି ଯାଇଥିଲେ । ସେହି ସମୟରେ ପଥର ତଳେ ଜୟଦେବ ଓ ତ୍ରିଲୋଚନ ଚାପି ହୋଇ ଯାଇଥିବା ଦେଖିବାକୁ ପାଇଥିଲେ । ପରେ ସେମାନେ ଏନେଇ ସ୍ଥାନୀୟ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପୁଲିସ୍ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀମାନେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ତେବେ ଅନ୍ୟ ୩ ଜଣଙ୍କ ପତ୍ତା ମିଳିନଥିବା ଜଣାପଡିଛି । ପୁଲିସ ଗାଁକୁ ଯାଇ ଖାନତଲାସି ଚଳାଇଛି ।

# ୫ ଜିଲ୍ଲାର ବନ୍ୟା ବିପନ୍ନଙ୍କୁ ମିଳିବ ୧୫ ଦିନ ରିଲିଫ୍



ଭୁବନେଶ୍ୱର,୧୮।୮(ପି.ଏନ): ରାଜ୍ୟରେ ବନ୍ୟା ପରିସ୍ଥିତି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଂଚଳ ଅନୁଧ୍ୟାନ କରିବା ସହ ବନ୍ୟା ବିପନ୍ନଙ୍କୁ ୧୫ଦିନ ରିଲିଫ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୫ଟି ଜିଲ୍ଲା ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ବନ୍ୟା ଜଳ ପ୍ରବେଶ କରିଥିବା ଗାଁ ଲୋକଙ୍କୁ ୧୫ଦିନ ରିଲିଫ ସହାୟତା ମିଳିବ । ସେହିପରି ଅନ୍ୟ ୫ଟି ଜିଲ୍ଲା- ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ ଓ ଅନୁଗୁଳରେ ପାଣି ପଶିଥିବା ଗାଁ ଲୋକଙ୍କୁ ୭ଦିନ ରିଲିଫ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ପାଣି ଛାଡିବାର ୭ଦିନ ମଧ୍ୟରେ ବନ୍ୟା କ୍ଷୟକ୍ଷତି ଆକଳନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଆକାଶମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲ, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ । ବନ୍ୟାରେ ବ୍ୟାପକ ଅଂଚଳ ଜଳମଗ୍ନ ହେବା ସହ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି ।ବନ୍ୟାଂଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କ୍ଷତିଗ୍ରସ୍ତ ଅଂଚଳ ପାଇଁ ରିଲିଫ ସହାୟତା ଘୋଷଣା କରିଛନ୍ତି । ପାଣି ଛାଡିବାର ୭ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ସହ ତା'ର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଂଚଳରେ ସମସ୍ତ ପ୍ରକାରର ସହାୟତା ଯଥା- ରିଲିଫ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହ ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଓ ପଶୁ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଚତରାପଦା ଜଙ୍ଗଲରେ ବୁଲୁଛି ଗୁଳିବିଦ୍ଧ ଦନ୍ତା

କଟକ, ୧୮।୮(ପି.ଏନ): କଟକ ଜିଲ୍ଲା ନରସିଂହପୁର ଚତରାପଦା ଜଙ୍ଗଲରେ ଆଉ ଏକ ଗୁଳିବିଦ୍ଧ ଦନ୍ତାହାତୀ ଠାବ ହୋଇଛି । ହାତୀର ଶରୀରରେ ତିନୋଟି ଗୁଳି ବାଜିଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ । ଖବର ପାଇ ଘଟଣାସ୍ଥଳରେ ପହଂଚିଛନ୍ତି ଆଠଗଡ଼ ଡିଏଫଓ ଓ ବନ ବିଭାଗର ଅନ୍ୟ କର୍ମଚାରୀ । ହାତୀଟିକୁ ପ୍ରଥମେ ଟ୍ରାଙ୍କୁଲାଇଜ୍ କରାଯିବ ଏବଂ ତା ପରେ ତାର ଚିକିତ୍ସା କରାଯିବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ହାତୀକୁ ଗୁଳିମାଡ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ ବୋଲି କହିଛନ୍ତି ନରସିଂହପୁର ରେଞ୍ଜର ପ୍ରଫୁଲ୍ଲ କୁମାର ଦେହୁରୀ । ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲ୍ଲା ନରସିଂହପୁରରେ ବାରମ୍ବାର ହାତୀଙ୍କୁ ଗୁଳି ମାଡ ହେଉଥିବା ଖବର ସାମ୍ନାକୁ ଆସିଛି ।

# ୧୯ ଓ ୨୦ ରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୮।୮(ପି.ଏନ): ଉତର-ପୂର୍ବ ଏବଂ ପାର୍ଶ୍ୱବର୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସ୍ପଷ୍ଟ ରୂପରେ ଚିହ୍ନିତ ହେବ । କାଲି ସକାଳେ ଏହା ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ଆସନ୍ତା ୧୯ ଓ ୨୦ ତାରିଖରେ ରାଜ୍ୟରେ ପ୍ରବଳରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି ଲଘୁଚାପ ନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି ଆଜି ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ । ତେବେ କାଲି ଓ ପଅରଦିନ ଆଡ଼କୁ ବେଶୀ ବର୍ଷିବ । ୧୯ ତାରିଖରେ ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବ । ଆସନ୍ତାକାଲି ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି । ସେହିପରି ୨୦ରେ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ଛତିଶଗଡ଼ରେ ମଧ୍ୟ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ନଦୀରେ ବନ୍ୟା ଜଳ ଥିବା ବେଳେ ପୁଣି ବର୍ଷା ପ୍ରଭାବ ପକାଇପାରେ । ସହରାଂଚଳରେ ଅର୍ବାନ୍ ଫ୍ଲଡ, ପାହାଡିଆ ଅଂଚଳରେ ଭୂସ୍ଖଳନ ଘଟିବାର ଅନେକ ଆଶଙ୍କା ରହିଛି । ୨୧ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ କମିବ ବୋଲି ଆଇଏମଡି ଡିଜି କହିଛନ୍ତି । ଅପରପକ୍ଷରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର, ସକାଳ ୮ଟା ସୁଦ୍ଧା ଲଘୁଚାପ ଅବପାତରେ ପରିଣତ ହେବା ସହ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତିକରିବ ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୧୯ ଅଗଷ୍ଟ ଠାରୁ ୨୦ ଅଗଷ୍ଟ ସକାଳ ପର୍ଯ୍ୟନ୍ତ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳରୁ ଅତି ପ୍ରବଳ ବର୍ଷା (୨୦ ସେମି)ରୁ ଅଧିକ ଏବଂ ଆଉ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ ରୁ ୨୦ ସେମି) ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ୨ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ କେନ୍ଦ୍ରପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଝାରସୁଗୁଡା, ବରଗଡ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି । ତେଣୁ ଏହି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ୨୦ ଅଗଷ୍ଟରୁ ୨୧ ଅଗଷ୍ଟ ସକାଳ ପର୍ଯ୍ୟନ୍ତ ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ମୟୂରଭଂଜ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଏବଂ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅପରପକ୍ଷରେ ଏଥିସହ ରାଜ୍ୟର ଉପକୂଳରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଘଂଟାପ୍ରତି ୪୫ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହି ସମୟ ମଧ୍ୟରେ ସମୁଦ୍ର ମଧ୍ୟକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ।

# ପଶ୍ଚିମବଙ୍ଗ ସରକାର ଜାତୀୟ ଶିକ୍ଷା ନୀତିକୁ ରାଜନୀତିରୁ ଦୂରରେ ରଖନ୍ତୁ : ଧର୍ମେନ୍ଦ୍ର ପ୍ରଧାନ

ବାରୁଇପୁର/ଭୁବନେଶ୍ୱର, ୧୮।୮(ପି.ଏନ): ପଶ୍ଚିମବଙ୍ଗର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଠାକାର ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି ୨୦୨୦କୁ ରାଜନୀତିରୁ ଦୂରରେ ରଖିବା ଉଚିତ୍ ବୋଲି ଗୁରୁବାର ପଶ୍ଚିମବଙ୍ଗର ବାରୁଇପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଦକ୍ଷିଣ ୨୪ ପରଗନା ଜିଲ୍ଲାର ବାରୁଇପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଶ୍ରୀ ପ୍ରଧାନ ପଶ୍ଚିମବଙ୍ଗରେ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ବ୍ୟାପକ ଦୁର୍ନୀତି, ବଂଶବାଦ, ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କ ଅଗ୍ରାଧିକାର, ନୂଆପିଢିଙ୍କ ଉତ୍ତମ ଭବିଷ୍ୟତ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ର କ୍ରିୟାନ୍ୱୟନ ଉପରେ ମତପ୍ରକାଶ କରିଛନ୍ତି । ସେ କହିଛନ୍ତି ପଶ୍ଚିମବଙ୍ଗର ଶିକ୍ଷକ ଏବଂ ଯୁବପିଢିଙ୍କୁ ନ୍ୟାୟ ମିଳିବା ଦରକାର । ଦକ୍ଷିଣ ୨୪ ପରଗନା ଜିଲ୍ଲାରେ ଗତ ୧୦ ବର୍ଷ ଧରି ନବୋଦୟ ବିଦ୍ୟାଳୟ- ୧ ବନ୍ଦ ପଡ଼ିଛି । ଏହାକୁ ସୁଚାରୁରୂପେ ଚଳାଇବା ଏବଂ ସ୍ଥାୟୀ ଭବନ ନିର୍ମାଣ ପାଇଁ ଜମି ଉପଲବ୍ଧ କରାଇବା ତଥା ପଶ୍ଚିମବଙ୍ଗର ଭାଷାର ଭବ୍ୟତା ବଢ଼ାଇବା ଦିଗରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପାଇଁ ସେ ଅପିଲ୍ କରିଛନ୍ତି । ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା କେନ୍ଦ୍ର ସରକାରଙ୍କ ପ୍ରାଥମିକତାରେ ରହିଛି । ଦକ୍ଷିଣ ୨୪ ପରଗନାର ନବୋଦୟ ବିଦ୍ୟାଳୟ ୧କୁ ସୁଚାରୁରୂପେ ଚଳାଇଲେ ଜିଲ୍ଲାର ଗରିବ, ଦଳିତ, ବଞ୍ଚିତ ବର୍ଗର ବିଦ୍ୟାର୍ଥୀଙ୍କ ଶିକ୍ଷା ସହ ଯୋଡ଼ିବାର ସୁଯୋଗ ବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀ ପ୍ରଧାନ ନରେନ୍ଦ୍ରପୁର ସ୍ଥିତ ରାମକ୍ରୀଷ୍ଣ ମିଶନ ଆଶ୍ରମ ଏବଂ ରାମକ୍ରୀଷ୍ଣ ମିଶନ ଆବାସିକ ମହାବିଦ୍ୟାଳୟ ପରିଦର୍ଶନ କରଥିଲେ । ରାମକ୍ରୀଷ୍ଣ ଆଶ୍ରମ ଆଶ୍ରମ ସମାଜର ଅବହେଳିତ ବର୍ଗର ଲୋକଙ୍କୁ ଶିକ୍ଷା ପ୍ରଦାନ କରୁଅଛି । ଆଶ୍ରମରେ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି । ରାମକ୍ରୀଷ୍ଣ ମିଶନ ଆବାସିକ ମହାବିଦ୍ୟାଳୟ ଜାତୀୟ ଶିକ୍ଷା ନୀତିର ୨୦୨୨ର ପରାମର୍ଶ ଗୁଡ଼ିକ କାର୍ଯ୍ୟକାରୀ କରୁଥିବା ନେଇ କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବାରୁଇପୁର ଠାରେ ପ୍ରଥମ ଥର ଭୋଟ ଦେବା ପାଇଁ ପଞ୍ଜିକୃତ କରିଥିବା ଯୁବସାଥୀଙ୍କ ସହ ଆଲୋଚନା କରିଥିଲେ । ସେ କହିଥିଲେ, ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରୁଥିବା ବେଳେ ଏହି ଯୁବପିଢିମାନେ ଦେଶର ନେତୃତ୍ୱ ନେଉଥିବେ । ପଶ୍ଚିମବଙ୍ଗ ଏବଂ ଭାରତକୁ ଶିଖରକୁ ନେବା ପାଇଁ ଯୁବପିଢିଙ୍କୁ ନିଜ କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ମନେ ରଖିବାକୁ ହେବ । ଦୁର୍ନୀତି ଏବଂ ବଂଶବାଦକୁ ଦୂର କରିବା ପାଇଁ ସେମାନଙ୍କର ସଂକଳ୍ପକୁ ମଜବୁତ୍ କରିବା ଆବଶ୍ୟକ । ଏଠାକାର ଯୁବଶକ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱକୁ ସମର୍ଥନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଯାଦବପୁର ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ନେତାଙ୍କ ସହ ଶ୍ରୀ ପ୍ରଧାନ ଏକ ବୈଠକରେ ଯୋଗ ଦେଇଥିଲେ । ବାରୁଇପୁର ପୂର୍ବ ବିଧାନସଭା ନିର୍ବାଚନ ମଣ୍ଡଳିରେ ଆୟୋଜିତ ଏକ ପନ୍ନା ପ୍ରବାସ ବୈଠକରେ ଯୋଗ ଦେବା ପରେ ବୁଥସ୍ତରର କାର୍ଯ୍ୟକର୍ତ୍ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ । ଏହାବ୍ୟତିତ ବାରୁଇପୁର ସ୍ଥିତ ସର୍ଜିକାଲ ସେଣ୍ଟର ପରିଦର୍ଶନ କରିବା ସହ ଯାଦବପୁରରେ ମଧ୍ୟ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଯୋଗ ଦେଇଥିଲେ ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଉଥିବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୧୯

# ଜ୍ଞାନୀ–ଅଜ୍ଞାନୀ



ଜ୍ଞାନୀ ଅଜ୍ଞାନୀ ସମସ୍ତଙ୍କ ପାଇଁ ଦିନମାନ ଚବିଶ ଘଣ୍ଟା ଏକ ଦିନ ହୋଇ ବର୍ଷ ଭୋଗ ଚାଲିଛି। ଜ୍ଞାନୀ ବ୍ୟକ୍ତି କର୍ମଧାରା ସ୍ଥିର କରି ସେଥିରେ ଆଗେଇ ତହିଁରେ ତାର ସୁଫଳ ଭୋଗ କରନ୍ତି। ମାତ୍ର ଅଜ୍ଞାନୀ ବିଶୃଙ୍ଖଳିତ ଭାବରେ କେଉଁ କର୍ମ ଆଗ କେଉଁ କର୍ମ ପଛ କଣ କରିବା, କେତେବେଳେ କରିବା କେଉଁ ବୟସରେ କରିବା ଏ ନିର୍ଣ୍ଣୟ ନେଇ ନପାରି ଶେଷ କାଳ ହତାଶାରେ କଟାଏ। ସେ ତାର ସମସାମୟିକ ଜନ୍ମ ଉଦ୍ୟମୀ ଜ୍ଞାନୀଙ୍କୁ ଈର୍ଷା କରିଥାଏ। ଗୁରୁମାର୍ଗରେ ଯେକୌଣସି ବ୍ୟକ୍ତି ଗଲେ ସେ ଉଦ୍‌ଯୋଗ ପ୍ରତି ଆକୃଷ୍ଟ ହୋଇପାରନ୍ତି ଓ ଉଦ୍‌ଯୋଗୀ ହିଁ ଲକ୍ଷ୍ମୀ ଲାଭ କରିଥାନ୍ତି। ଗୁରୁମାର୍ଗରେ ଯେଉଁ 'ଗୁରୁ' କର୍ମ ପାଇଁ ଲାଗି ରହିଛନ୍ତି ସେ ନିଶ୍ଚେ ନିଜର ସମୟକୁ ତାଙ୍କ ଗୁରୁଙ୍କଠାରୁ ଦୀକ୍ଷା ଓ ଶକ୍ତିପାତ୍‌ରେ ଠିକ୍ ଭାବରେ ଲଗାଇ ଆସୁଥିଲେ। ଶିଷ୍ୟକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରନ୍ତି, ମାତ୍ର ଉପଦେଷ୍ଟା ଗୁରୁ ସରଳ ମାର୍ଗରେ ଆୟ ଉପଭୋଗ ପାଇଁ କେବଳ ପ୍ରଚାରକ ରୂପ ନେଇ କାମ କରୁଥିଲେ ସମୟ ଆସେ ଗୁରୁ ନିଜେ ନିନ୍ଦନୀୟ ହୋଇଯାଆନ୍ତି ଓ ତାକୁ ଅନୁସରଣ କରିଥିବା ଶିଷ୍ୟ ବା ଛାତ୍ରଗଣଙ୍କର ସମୟ ନଷ୍ଟ ହୋଇଥାଏ।

ସବୁବେଳେ ତହୁଁବଡ଼ା ତହୁଁବଡ଼ା ସ୍ତର ଥିବା ବୋଧ ରହିଛି। ବିଦ୍ୟାଳୟରେ ଶିକ୍ଷକମାନେ କେମିତି ପାଠ ପଢ଼ାଉଛନ୍ତି ତାଙ୍କୁ ତଦାରଖ ପାଇଁ ବିଦ୍ୟାଳୟ ଶିକ୍ଷା ବିଭାଗର ପରିଦର୍ଶକ ପାହ୍ୟା ପାହ୍ୟା ଅଛନ୍ତି। ପୋଲିସ ବିଭାଗରେ ଚୌକିଦାରରୁ ଡ଼ିଜି ପର୍ଯ୍ୟନ୍ତ ଘଟଣା ଅନୁସନ୍ଧାନ ପାଇଁ ସ୍ତର ଅଛି। ସେନାରେ ଜଗୁଆଳୀ ସୈନିକ ଠାରୁ ସର୍ବୋଚ୍ଚ ସେନା ମୁଖ୍ୟ ଓ ଶେଷ ପଦବୀରେ ରାଷ୍ଟ୍ରପତି ଅଛନ୍ତି। ପୁଣି ଏକ ସଭା ଏକକ ଅଛି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ରକ୍ଷା ପାଇଁ ରାଷ୍ଟ୍ର ରକ୍ଷା ସହିତ ଅନ୍ୟ ରାଷ୍ଟ୍ର ସମ୍ପର୍କ ବନ୍ଧୁପୂର୍ଣ୍ଣ ପାଇଁ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ମଧ୍ୟରେ ଗୁରୁ ଶିଷ୍ୟ ରାଜା ପ୍ରଜା ଜଡ଼ିତ ସବୁ ସମୟରେ ରହିବା ଆବଶ୍ୟକ ପଡୁଛି। ଜୀବନ ଆରମ୍ଭ ତୃଣଠାରୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପ୍ରତି ଦେଶର ରାଷ୍ଟ୍ରର ସରକାର କାନୁନରେ ସମସ୍ତେ ବନ୍ଧା ରହିଛନ୍ତି। ସେମିତି ଧର୍ମ ପରମ୍ପରାରେ ତୃଣ ସୃଷ୍ଟି ଉପରେ ଶାସ୍ତ୍ର ନଜର ଉପଦେଶ ଜାହିର ରଖିଛନ୍ତି ଓ ମୃତ୍ୟୁପରେ ଦାହ ସଂସ୍କାର ପ୍ରତି ଶାସ୍ତ୍ରବାକ୍ ବଳତ୍ତର ରହିଛି ଏପରିକି ବ୍ୟକ୍ତିର ନାମକୁ ବହୁଦିନ ଉଜ୍ଜିବୀତ ପ୍ରାୟ ତିନି ପିଢ଼ି ଯାଏ ଶ୍ରାଦ୍ଧ ମାର୍ଫତ ମନନ କରି ରଖାଯାଉଛି। ରାଜନୀତି ଚାଲିଛି ହେଲେ ତହିଁରେ ଆଶ୍ରା ଏକ ମତବାଦ ଏକ ସମ୍ବିଧାନର ଧାରା ଏକ ପରମ୍ପରା, ଏହା ମଧ୍ୟରେ ନେତା ତାକୁ ଗୁରୁଜ୍ଞାନ ମନେକରି ପ୍ରଜାଙ୍କ ଭଲକୁ ପ୍ରାଧାନ୍ୟ ଦେଇ ସଂହାର ନକରି ସଂସ୍କାର କରି ସମୟ ସହିତ ତାଳ ଦେଇ ପ୍ରଗତିକୁ ଆଗେଇ ନେବାକୁ ପଡ଼ିଥାଏ। ମାତ୍ର ଏଥିରେ ଜ୍ଞାନୀ ଓ ଅଜ୍ଞାନୀଙ୍କ ପଥ ଭରି ରହିଛି। ଏଥିପାଇଁ ସଭା ସମିତିର ସହମତି ନିଶ୍ଚେ ଆବଶ୍ୟକ ପଡ଼ିଥାଏ। ଈର୍ଷା ରହିଲେ ଜ୍ଞାନୀ ଟଳ ଟଳ ହୋଇଯିବେ। ତେବେ ଜ୍ଞାନୀର ଅହଙ୍କାର ନରହିଲେ ଜ୍ଞାନୀ ଅଟଳ ରହିପାରନ୍ତି। ନିଜ ପାଇଁ ରାଜନୀତି ଜ୍ଞାନରୁ ରୋଜଗାର ଧନ୍ଦା ନଥିଲେ ଲୋକେ ମୁଣ୍ଡେଇ ରଖିବେ, ନହେଲେ ବ୍ୟତିକ୍ରମ ବୋଧ କଲେ କଚାଡ଼ି ଦେବେ।

ବେଳକୁ ବେଳ ସମୟ ସଂସ୍କାରକୁ ଡାକି ଆଣେ ପ୍ରଗତିଶୀଳ ଚିନ୍ତାଧାରାରେ ମନୁଷ୍ୟ ସମୟ ସହିତ ତାଳ ଦେଇ ଚାଲିବାକୁ ବାଧ୍ୟ। କୃଷି କୃଷି ଚିନ୍ତାରକୁ ଶିଳ୍ପ ସମ୍ବନ୍ଧ ହେବାକୁ ଲାଗିଲାଣି କାରଖାନାରେ ଯନ୍ତ୍ରପାତି ସ୍ଥିର ମାତ୍ର ଶିଳ୍ପ ସମ୍ବନ୍ଧ କୃଷି କ୍ଷେତ୍ରକୁ ଆସିବାରୁ ଚାଷ କ୍ଷେତ୍ର ବର୍ତ୍ତମାନ ଚଳ ଚଞ୍ଚଳ ଶିଳ୍ପ କ୍ଷେତ୍ର ହୋଇଗଲାଣି। ହଳୁଆ ଏବେ ଟ୍ରାକ୍ଟର ଚାଳକ, ଧାନକଟାଳୀ ଏବେ ମନୁଷ୍ୟ ନୁହେଁ ଏକ ମେସିନ ଧାନରୁଆ ମେସିନରେ, ହଳ କାଦୁଅ ଟ୍ରାକ୍ଟରରେ ପାୱାର ଟିଲରରେ ଚାଲିଲାଣି। ଖଳାକୁ ବେଙ୍ଗଳା ପାଇଁ ହଳା ଯାଉନାହିଁ ସେ ଧାନକ୍ଷେତ୍ରରେ ଅମଳ ହେଲାଣି। ଅତଏବ ଚାଷ କ୍ଷେତ୍ରରେ ଚଳ ଶିଳ୍ପ ଦେଖାଦେଲାଣି। ବଳଦାନକାରି ବୋଲି ତାଙ୍କୁ ବଳଦ କୁହାଯାଉଥିଲା। ଏବେ ଏମାନେ ଦୁର୍ଲ୍ଲଭ (ଏଚ୍.ପି) ଅଶ୍ୱଶକ୍ତିରେ ଯାନ ଯନ୍ତ୍ରର ତାକତ ମପାଯାଉଛି। ଏଥିରେ ଅଦୃଶ୍ୟ ଜୀବ ନାମରେ ଶକ୍ତି ଆହରଣ କ୍ଷେତ୍ରମାନଙ୍କରେ ଲାଗୁ ହେଲାଣି। ଜ୍ଞାନୀ ଏପରି ସ୍ଥିତିରେ ଏହି ପରମ୍ପରାକୁ ଆସିବାକୁ ବାଧ୍ୟ ହେଲେ ଅର୍ଥ ଏଥିରେ ଅନ୍ତରାୟ ନିଶ୍ଚେ ରହିବ। ବଳଦ ଘରର କୁଣ୍ଡା ତୋରାଣୀ ପରିତ୍ୟକ୍ତ ପରିବା, ଘାସ, କୁଟ ଭୋଜନରେ ଚାଷୀର ସହାୟକ ବଳଦକୁ ତାର ଗୋବର ମୂତ୍ର ଧାନ ବିଲର ଜୈବିକ ସାର ଥିଲା। ବଳଦ ପାଇଁ ଲୋକେ ଗାଈ ପୋଷୁଥିଲେ। ନିଜ ଘର ଗାଈର ଅଣ୍ଡିରା ବାଛୁରୀକୁ ବଳଦ ବନାଇ କେହି ନିଜ ଘରେ ଚାଷକୁ ରଖୁନଥିଲେ। ଏଥିରେ ଏକ ପଶୁ ମମତା ଥିଲା, ତାହା ଏ ସମୟକୁ ବିଲୁପ୍ତ। ଅନେକ ଖର୍ଚ୍ଚାନ୍ତ ହୋଇ ଚାଷଜମିକୁ ଏ ପରିସ୍ଥିତିରେ ଚାଷ କରିପାରୁନାହାଁନ୍ତି। ଅନେକ ଜମି ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି ସରକାର କାନୁନ ଚାଷ ଜମି, ଜଳଧାରକୁ ଗୃହ ନିର୍ମାଣ ଉପଯୋଗୀ ନକରିବାକୁ ନିର୍ଦ୍ଦେଶ ରଖିଥିଲେ ଏବେ ଚାଷଜମିକୁ କିସମ ବଦଳାଇବା ଧାରା ଜାହିର ବହୁ ଉପଧାରାରେ ଲାଗୁ ହୋଇଗଲାଣି। ଏହି ଗୋଳରେ କିଏ ଚାଷଜମିର ମାଲିକ ଜ୍ଞାନୀରେ ଯିବ କି ଅଜ୍ଞାନୀରେ ଯିବ ସିଦ୍ଧାନ୍ତ କରିବା ମୁସ୍କିଲ। ଶ୍ରମ ଓ ଧନ ବର୍ତ୍ତମାନର ସମସ୍ୟା ପଶୁବଳ ଶୂନ୍ୟ ମାନବ ଶ୍ରମିକ ବହୁମୂଲ୍ୟ ପୁଣି ନିଜ ଘରର ଲୋକେ କ୍ଷେତରେ ଖଟିବାକୁ ନାରାଜ, ଯନ୍ତ୍ରବଳ ପାଇଁ, ସାର ବିହନ ପୋକମରା ଔଷଧ, ଶସ୍ୟ ଲୁଣ୍ଠନକାରୀ, ମାଙ୍କଡ଼, ଷଣ୍ଢ, ହାତୀ ଜଙ୍ଗଲି ଅନ୍ୟ ପଶୁ କୃଷକ ପାଇଁ ମହାସମସ୍ୟାକୁ ଫସଲ ବିକ୍ରୟକୁ ଆହୁରି ସମସ୍ୟା ଦେଖନ୍ତୁ ବା ଭାବନ୍ତୁ ଚାଷୀ କୋଶଳା ଶାଗ ତାର କ୍ଷେତରେ ଯନ୍ତ୍ର ବର୍ଦ୍ଧିତ ଚାଷ କରିବ ତାର ଉପଯୁକ୍ତ ରକ୍ଷଣାବେକ୍ଷଣା କରିବ ସମୟ ହେଲେ ଶାଗକୁ ଉପାଡ଼ି ଧୋଇ ବିଡ଼ା ବାନ୍ଧିବ ତାକୁ ବହନ କରି ବିକ୍ରୟ ସ୍ଥଳକୁ ନେବ ସେଠାରେ ମଧ୍ୟ ସତ୍ତ୍ୱାଧିକାରୀ ଦଲାଲକୁ ହସ୍ତାନ୍ତରକୁ ବାଧ୍ୟ ଉପରେ ସେ ଯାହା ପାଇବ ତାକୁ ସେ ଗ୍ରହଣ ନକଲେ ଶାଗ ସେଠାରେ ସେ ବିକ୍ରୟ ପାଇଁ ବସି ପାରିବ ନାହିଁ ବସିଲେ ଦିନକର ମୂଲ ଯାହା ଶାଗଚାଷ ଓ ଶାଗ ବିକ୍ରୟରୁ ତାହା ମିଳିବ ନାହିଁ। ଏପରି ସ୍ଥଳେ ଏହି ଶାଗଚାଷୀ ଜ୍ଞାନୀ ନା ଅଜ୍ଞାନୀ ଥରେ ବିଚାର କରନ୍ତୁ ତ! ପରିଶ୍ରମର ମଜୁରୀ ଚାଷରେ ମିଳୁନାହିଁ। ଲୋକେ ଘରଭଡ଼ାରେ ସହରରେ ଚଳିଯାଉଛନ୍ତି ଅଥଚ ସରକାର ଏମିତି କାନୁନ କରୁନାହାଁନ୍ତି ସହରିବାସୀ ବାବୁଙ୍କ ଚାଷଜମି ଅନ୍ୟକୁ ଏମିତି ଶ୍ରମଜୀବୀଙ୍କୁ ଭଡ଼ା ଦେଇ ରୋଜଗାର ଧନ୍ଦା ଚାଲୁ ରହିପାରନ୍ତା। ଆନ୍ଧ୍ରରୁ ଅନ୍ୟ ରାଜ୍ୟରୁ ଫଳ ଲଙ୍କା ପରିବା ଆସୁଛି ଏମିତି କଣ ଆମ ରାଜ୍ୟରେ ଏକ ଜମିରେ ବହୁ ଫସଲ ହୋଇପାରନ୍ତା ନାହିଁ। ସମୟ ଅନୁସାରେ ଜ୍ଞାନୀ ସରକାର ହୁଅନ୍ତୁ ଜମି ମାଲିକ ହୁଅନ୍ତୁ, ଶ୍ରମଜୀବୀ ହୁଅନ୍ତୁ, ପୁଣି ରକ୍ଷକମାନେ ହୁଅନ୍ତୁ। ନହେଲେ ଆଳସ୍ୟ ଆହୁରି ଅଜ୍ଞାନଧର୍ମୀ ବଢ଼ାଇ ଚାଲିବ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**, ସମ୍ପାଦକ, 'ନିୟତି'
ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩

## ଆଜିର ଅନୁଚିନ୍ତା

**ସ୍ରଷ୍ଟା ପ୍ରତି କେବେହେଲେ ଅକୃତଜ୍ଞ ହୁଅନାହିଁ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

E-mail: editorpbkc@gmail.com
9853400829 (M), Fax: 0674-2550504

# ସିବିଆଇ ଜାଲରେ ଗୋ-ତସ୍କର



ସୌମେନ୍ଦ୍ର ଜେନା

ପଶ୍ଚିମବଙ୍ଗର ଗତ ବିଧାନସଭା ନିର୍ବାଚନ ସମୟରେ 'ଖେଳା ହୋବେ' ସ୍ଲୋଗାନ ବେଶ୍ ଚର୍ଚ୍ଚାର କେନ୍ଦ୍ର ହୋଇଥିଲା । ଏହି ସ୍ଲୋଗାନକୁ ତୃଣମୂଳ ନେତା ଅନୁବ୍ରତ ମଣ୍ଡଳ ସାରା ପ୍ରଦେଶରେ ପ୍ରସାରିତ କରିଥିଲେ । କିନ୍ତୁ ଏବେ ସେ ଗୋ-ଚାଲାଣ ର୍‍ୟାକେଟର ମୁଖ୍ୟଭାବେ ସିବିଆଇ ହାତରେ ପଡିଲା ପରେ ପୁନର୍ବାର ଏହି ସ୍ଲୋଗାନ ଚର୍ଚ୍ଚାକୁ ଆସିଛି । ଆରବର ଦେଶଗୁଡିକରେ ଗଢି ଉଠୁଥିବା ହୋଟେଲଗୁଡିକ ପାଇଁ ଗୋମାଂସ ଆବଶ୍ୟକ ହେଉଥିବା ବେଳେ ଆରବ ମରୁଜଗତରେ ଥିବାରୁ ବାହାର ଦେଶରୁ ଏହିସବୁ ହୋଟେଲକୁ ଗୋମାଂସ ଚାଲାଣ ହୋଇଥାଏ । ଆରବ ଜଗତର ହୋଟେଲଗୁଡିକ ବିଳାସମୟ ହୋଇଥିବାରୁ ବିଦେଶରୁ ଅଧିକ ଦରରେ ଗୋମାଂସ ଆମଦାନୀ ପାଇଁ ସକ୍ଷମ ରହିଥା'ନ୍ତି । ତେଣୁ ପ୍ୟାକେଟରେ ସେହିସବୁ ହୋଟେଲକୁ ଗୋମାଂସ ଚାଲାଣ ପାଇଁ ବଙ୍ଗଳାଦେଶ ଏବେ ବଡ କେନ୍ଦ୍ର ହୋଇଛି । ବଙ୍ଗଳାଦେଶରେ ସଂଖ୍ୟାଧିକ କତଲଖାନା ଖୋଲାଯାଇ ବିଦେଶକୁ ଗୋମାଂସ ଚାଲାଣ ହେଉଛି । ସେଥିପାଇଁ ନିକଟସ୍ଥ ପଡୋଶୀ ରାଜ୍ୟ ଝାଡଖଣ୍ଡ, ବିହାର ଏବଂ ଓଡିଶାରୁ ପ୍ରତିବର୍ଷ ଚୋରାରେ ପ୍ରାୟ ଦେଢଲକ୍ଷ ଗୋରୁଙ୍କୁ ପଶ୍ଚିମବଙ୍ଗର ସୀମାନ୍ତରେ ଥିବା ଗ୍ରାମଗୁଡିକର ବାଟ ଦେଇ ବଙ୍ଗଳାଦେଶକୁ ଚାଲାଣ କରାଯାଉଛି । ବିହାର, ଉତ୍ତର ପ୍ରଦେଶ, ଓଡିଶାରେ ଗୋଟିଏ ବୟସ୍କ ବଳଦକୁ କମ୍ ଟଙ୍କାରେ କିଣାଯାଇ ବଙ୍ଗଳାଦେଶରେ ୯୦,୦୦୦ରୁ ୧,୫୦,୦୦୦ ଟଙ୍କାରେ ବିକ୍ରି କରାଯାଉଛି । ଏହି ବ୍ୟବସାୟ ଲାଭଜନକ ହୋଇଥିବାରୁ ବଙ୍ଗଳାଦେଶର ଗୋରୁ ବ୍ୟବସାୟୀଙ୍କ ସହ ଭାରତର ଭିନ୍ନ ଭିନ୍ନ ରାଜ୍ୟରେ ଥିବା ଗୋ-ଚାଲାଣକାରୀମାନେ ସଂପର୍କ ରକ୍ଷାକରି ବେଆଇନ ଭାବେ ଗୋ-ଚାଲାଣ କରୁଛନ୍ତି । ମୂଳ ମୂଲ୍ୟରୁ ଚାରିରୁ ପାଞ୍ଚ ଗୁଣା ଲାଭ ଯୋଗୁ ପ୍ରତିବର୍ଷ ଏହି ବ୍ୟବସାୟ ବଢିବାରେ ଲାଗିଛି । ରାଜ୍ୟ ସରକାରଗୁଡିକ କଟକଣା ଜାରି କରିବା ସତ୍ତ୍ୱେ ଦିନକୁ ଦିନ ନୂଆ ନୂଆ ଗୋଷ୍ଠୀ ମୁଣ୍ଡ ଟେକିବାରେ ବ୍ୟସ୍ତ । ନୂଆ ନୂଆ କୌଶଳ ଏବଂ ମାର୍ଗରେ ଏହି ଗୋରୁମାନଙ୍କୁ ଚାଲାଣ କରାଯାଉଛି । ଦୀର୍ଘଦିନ ଧରି ଦେଶର ଗ୍ରାମାଞ୍ଚଳରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମାଗଣା ଯୋଜନାର ସୁବିଧା ବ୍ଲକ ଯୋଗୁ କୃଷିକାର୍ଯ୍ୟରେ ଗୋଧନର ଉପଯୋଗ ହ୍ରାସ ପାଇବାରେ ଲାଗିଛି । ଗ୍ରାମାଞ୍ଚଳରେ ଭୋଟ ବ୍ୟାଙ୍କ ଗଠନରେ ମଧ୍ୟସ୍ଥିମାନେ ରାଜନେତାଙ୍କ ସହ ସଂପର୍କ ରଖି ଏହିସବୁ ଯୋଜନାକୁ ନିଜ ଉପାର୍ଜନର ମାଧ୍ୟମ କରିଛନ୍ତି । ତେଣୁ ସରକାରୀ ଯୋଜନା ଏବଂ ବ୍ଲକ ପାଇଁ ଏକ ସଂଗଠିତ ର୍‍ୟାକେଟ ରାଜ୍ୟଗୁଡିକରେ କାର୍ଯ୍ୟକରୁଛି । ଏମାନେ ସରକାରୀ ଅର୍ଥକୁ ଲୋକମାନଙ୍କୁ ଭିନ୍ନ ଭିନ୍ନ ଯୋଜନାରେ ବାଣ୍ଟିବାକୁ ନିଜ ନିଜର ବ୍ୟବସ୍ଥା ପ୍ରସ୍ତୁତ କରିଛନ୍ତି । ଫଳରେ ଏବେ ଗ୍ରାମାଞ୍ଚଳରେ ଲୋକେ ସହଜ ଅର୍ଥଲାଭ ପାଇଁ ଏହିସବୁ କୁଜିନେତା ଏବଂ ଦଲାଲମାନଙ୍କ ପଛରେ ଗୋଡାଇ ଗୋଡାଇ ସମୟ ଅତିବାହିତ କରୁଥିବା ହେତୁ ଋଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏପରିସ୍ଥଳେ ଗ୍ରାମାଞ୍ଚଳରେ ଥିବା ପଶୁଧନଙ୍କୁ ଦଲାଲମାନେ କିଣିବାକୁ ଲୋଭ ଦେଖାଇ ଗାଁ ପରେ ଗାଁକୁ ଗସ୍ତ କରି ଗୁହାଳସବୁ ସଫା କରିବାରେ ଲାଗିପଡିଛନ୍ତି । କ୍ରମଶଃ ଋଷଜମି ସବୁ ଫାଙ୍କା ପଡିବା ଯୋଗୁ ଜମି ଦଲାଲମାନେ ସକ୍ରିୟ ହୋଇ ଗ୍ରାମାଞ୍ଚଳର ଜମି କିଣିବାରେ ଲାଗି ପଡିଛନ୍ତି । ଏହି କ୍ରମରେ ୨୦୧୭ରୁ ଗୋଚାଲାଣ ର୍‍ୟାକେଟକୁ ଧରିବା ପାଇଁ ସିବିଆଇ ପକ୍ଷରୁ ଅଭିଯାନ ଚଳାଯାଇ ସୀମାନ୍ତରେ





ନିଯୁକ୍ତ କେତେକ ସୀମାସୁରକ୍ଷା ବାହିନୀ (ବିଏସ୍ଏଫ୍)ର ଅଧିକାରୀଙ୍କୁ ଗିରଫ କରାଯାଇଥିଲା । ଗାତ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ସିବିଆଇର ସେହି ଅନୁସନ୍ଧାନର ସୂତ୍ର ଏବେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ନେତୃବୃନ୍ଦଙ୍କ ନିକଟରେ ପହଞ୍ଚିଛି । କାରଣ ସୀମାନ୍ତ ଜିଲ୍ଲା ମଧ୍ୟଦେଇ ବଙ୍ଗଳାଦେଶକୁ ଗୋ-ଚାଲାଣ କାର୍ଯ୍ୟ ସ୍ଥାନୀୟ ରାଜନେତା, ଗୁଣ୍ଡା, ପୁଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନର ଅଗୋଚରରେ ହୋଇପାରିବ ନାହିଁ । ସେହିଦୃଷ୍ଟିରୁ ସବୁକ୍ଷେତ୍ରର ଲୋକଙ୍କୁ ଏହି ର୍‍ୟାକେଟରେ ସାମିଲ କରାଯାଇଥିବା ଦେଖିବାକୁ ମିଳିଛି । ଏବେ ତୃଣମୂଳ କଂଗ୍ରେସର ବୀରଭୂମ ଜିଲ୍ଲାଧକ୍ଷ ଅନୁବ୍ରତ ମଣ୍ଡଳଙ୍କୁ ସିବିଆଇ ଧରିଛି । ବଙ୍ଗଳାଦେଶକୁ ପ୍ରତିବର୍ଷ ହେଉଥିବା ଗୋ-ଚାଲାଣର ସେ କିଙ୍ଗପିନ୍ ବୋଲି କୁହାଯାଇଛି । ଗୋ-ଚାଲାଣ ବ୍ୟବସାୟରୁ ସେ ଶହ ଶହ କୋଟି ଅର୍ଥ ଆୟ କରୁଥିବା ଜଣାପଡିଛି ।

ସୀମାରେ ପ୍ରତିଟି ଗୋରୁପଲ ପାଇଁ ର୍‍ୟାକେଟରେ ଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଅଂଶଧନ ପାଇଥା'ନ୍ତି । ପ୍ରତ୍ୟେକଟି ଗୋରୁପିଛା ଜଣେ ଚୋରା ଚାଲାଣକାରୀ ଅତିକମ୍‌ରେ ୨୫୦୦୦ ଟଙ୍କା ଲାଭ କଲାବେଳେ ପ୍ରାୟ ୧୦୦୦୦ ଟଙ୍କା ରାଜନେତା, ଅଧିକାରୀମାନଙ୍କୁ ଦେବାକୁ ବାଧ୍ୟ ହୋଇଥାଏ । ପ୍ରତ୍ୟେକ ୧୦୦ଟି ଗୋରୁ ଚାଲାଣ ବେଳେ ବିଏସ୍ଏଫ୍ ୧୫ଟିକୁ ହିଁ ଧରିଥାଏ ବୋଲି ରେକର୍ଡରେ ଥାଏ । ସୀମାରେ ସଜାଗ ରହିଥିବା ନେଇ ବିଏସ୍ଏଫ୍ ଏହାକୁ ପ୍ରମାଣ ବୋଲି ଦର୍ଶାଇଥାଏ । ପରେ ସେହି ଜବତ ଗୋରୁଙ୍କୁ କମ୍ ମୂଲ୍ୟରେ ସ୍ଥାନୀୟ ବଜାରରେ ସୀମାଶୁଳ୍କ ଅଧିକାରୀ ଏବଂ ବିଏସ୍ଏଫ୍ ପକ୍ଷରୁ ବିକ୍ରି କରାଯାଇଥାଏ । ଶେଷରେ ଜବତ ଗୋରୁଙ୍କୁ ମଧ୍ୟ ସେହି ଚୋରା ଚାଲାଣକାରୀମାନେ ହିଁ ଅଳ୍ପ ମୂଲ୍ୟରେ କ୍ରୟ କରିଥା'ନ୍ତି । ଅନେକ କ୍ଷେତ୍ରରେ ଯାହାଠାରୁ ଗୋରୁଙ୍କୁ ପ୍ରଥମେ ଜବତ କରାଯାଇଥାଏ ନିଲାମ ବେଳେ ସେହି ବ୍ୟକ୍ତି ହିଁ ବିଏସ୍ଏଫ୍‌ଠାରୁ ସେହି ଗୋରୁକୁ କ୍ରୟ କରେ । ଏହା ଉଭୟ ପକ୍ଷଙ୍କ ନିବିଡ ସଂପର୍କକୁ ଦର୍ଶାଇଥାଏ । ଅଭିଯୋଗ ମିଳିଲା ପରେ ୨୦୧୭ରେ ସିବିଆଇ ଏହାର ଅନୁସନ୍ଧାନ କରି କେତେକ ବିଏସ୍ଏଫ୍ ଅଧିକାରୀଙ୍କ ସଂପୃକ୍ତି ଥିବା ନେଇ ସ୍ପଷ୍ଟ ହୋଇଥିଲା । ପରେ ପଶ୍ଚିମବଙ୍ଗର ସୀମାନ୍ତ ଜିଲ୍ଲା ମୁର୍ଶିଦାବାଦଠାରେ ସୀମାରେ ନିଯୁକ୍ତ ୮୩ତମ ବିଏସ୍ଏଫ୍ ବାଟାଲିଅନର କମାଣ୍ଡାଣ୍ଟ ଜିବୁ ମାଥ୍ୟୁଙ୍କୁ ଗିରଫ କରିଥିଲା । ଜାନୁଆରୀ ୨୦୧୮ରେ ୪୭ଲକ୍ଷ ନଗଦ ଟଙ୍କା ସହ ନିଜ ରାଜ୍ୟ କେରଳକୁ ଯିବା ସମୟରେ ସିବିଆଇ ତାଙ୍କୁ ଗିରଫ କରିଥିଲା । ପରେ ସେ ଗୋ-ଚାଲାଣକାରୀଙ୍କଠାରୁ ଲାଞ୍ଚ ରୂପେ ସେହି ଅର୍ଥ ଗ୍ରହଣ କରିଥିବା ବିଷୟ ସ୍ୱୀକାର କରିଥିଲେ । ଏହାକୁ କେନ୍ଦ୍ରକରି ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ସିବିଆଇ ପକ୍ଷରୁ ଚଢାଉ କରାଯାଇଥିଲା । ସେହି କ୍ରମରେ ଉତ୍ତର ପ୍ରଦେଶରୁ ସତୀଶ କୁମାର ନାମକ ୩୬ତମ ବିଏସ୍ଏଫ୍ ବାଟାଲିଅନର କମାଣ୍ଡାଣ୍ଟଙ୍କୁ ପୁଲିସ ଧରିଥିଲା । ସେ ପଶ୍ଚିମବଙ୍ଗର ମାଲ୍‌ଦା ଜିଲ୍ଲାରେ ୧୯ ଡିସେମ୍ବର ୨୦୧୫ରୁ ୨୨ ଏପ୍ରିଲ ୨୦୧୭ ଯାଏ ସିଓ ପଦରେ ନିଯୁକ୍ତ ଥିଲେ । ତାଙ୍କ ବାଟାଲିଅନ ଲୋକେ ୨୦୦୦୦ ଗୋରୁଙ୍କୁ ଧରିଥିଲେ । କିନ୍ତୁ ଗୋ-ଚାଲାଣକାରୀମାନେ ବ୍ୟବହାର କରୁଥିବା କୌଣସି ଯାନବାହନକୁ ଜବତ କରିବା ବିଏସ୍ଏଫ୍ ତାଲିକାରେ ନଥିଲା । ନଭେମ୍ବର ୨୦୨୦ରେ ସତୀଶ କୁମାରଙ୍କୁ ଗିରଫ କରାଯାଇ ତାଙ୍କ ବ୍ୟାଙ୍କ ଜମାଖାତାକୁ ଅଚଳ କରାଯାଇଥିଲା । ସତୀଶଙ୍କ ବୟାନରେ ଅନୁବ୍ରତ ମଣ୍ଡଳ ଗୋ-ଚାଲାଣକାରୀଙ୍କ ମୁଖ୍ୟ ବୋଲି ଜଣାପଡିଥିଲା । ର୍‍ୟାକେଟର ମୁଖ୍ୟଭାବେ ତାଙ୍କର ପଶ୍ଚିମବଙ୍ଗର ଗୋ-ଚାଲାଣକାରୀ ମହମ୍ମଦ ଇନାମୁଲ ହକ୍, ଅନାରୁଲ ଶେଖ, ମହମ୍ମଦ ଗୁଲାମ ମୁସ୍ତଫାଙ୍କ ସହ ସଂପର୍କ ରହିଥିଲା । ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କର ଅନ୍ୟଜଣେ ବନ୍ଧୁ ତଥା ତୃଣମୂଳ ନେତା ବିନୟ ମିଶ୍ରଙ୍କୁ ଧରିବା ପାଇଁ ସିବିଆଇ ଯୋଜନା କରୁଥିବା ସମୟରେ ଚଢାଉର ପୂର୍ବଦିନ ସେପ୍ଟେମ୍ବର ୨୦୨୦ରେ ସେ ଦେଶଛାଡି ଭାନୁହାତୁ ଦ୍ୱୀପକୁ ଚାଲିଯାଇ ସେଠାକାର ନାଗରିକତା ଗ୍ରହଣ କଲେ ।

ବିଏସ୍ଏଫ୍ ଅଧିକାରୀ ସତୀଶ କୁମାରଙ୍କ କହିବାନୁସାରେ ସିବିଆଇ ଅନୁବ୍ରତ ମଣ୍ଡଳଙ୍କ ଦେହରକ୍ଷୀ ସାଇଗଲ ହୋସେନ ନାମକ ପଶ୍ଚିମବଙ୍ଗ ପୁଲିସର କନେଷ୍ଟବଳକୁ ଧରିଥିଲା । ସେ ଅନୁବ୍ରତ ମଣ୍ଡଳଙ୍କ ପକ୍ଷରୁ ଚୋରା ବ୍ୟବସାୟୀଙ୍କଠାରୁ ଲାଞ୍ଚ ଅର୍ଥ ସଂଗ୍ରହ କରୁଥିଲା । ଗତ ଜୁନ ମାସରେ କନେଷ୍ଟବଳ ହୋସେନକୁ ଗିରଫ କରାଯିବା ସମୟରେ ତା'ର ସଂପତ୍ତି ୧୫୦ କୋଟି ଥିବା ଜଣାପଡିଥିଲା । ଏହାପରେ ପଶ୍ଚିମବଙ୍ଗର ୧୩ଟି ସ୍ଥାନରେ ସିବିଆଇ ଚଢାଉ କରିଥିଲା । ଚଢାଉରେ ମଣ୍ଡଳଙ୍କ ସହଯୋଗୀ କରିମ ଖାଁ, ଜିଆ ଉଲ ହକ, ପଥର ବ୍ୟବସାୟୀ ଟୁଲୁ ମଣ୍ଡଳଙ୍କ ସଂପତ୍ତି ମିଳିଥିଲା । ସେମାନଙ୍କଠାରୁ ଅନେକ ଅପରାଧ ସଂପର୍କିତ କାଗଜପତ୍ର ଜବତ କରାଯାଇଥିଲା । ସିବିଆଇ ଜେରା କରିବାକୁ ତିନିଦିନରେ ଦୁଇଟି ନୋଟିସ ଜାରିକରି ମଣ୍ଡଳଙ୍କୁ ଡକାଇଥିଲେ ମଧ୍ୟ ସେ ହାଜର ନ ହେବା ଯୋଗୁ ଚଳିତ ଅଗଷ୍ଟ ମାସ ୧୧ ତାରିଖ ଦିନ ତାଙ୍କୁ ଗିରଫ କରି ୯ଦିନ ପାଇଁ ହେପାଜତକୁ ନେଇଛି । ବୀରଭୂମ ଜିଲ୍ଲାସ୍ଥିତ ବୋଲପୁର ବାସଭବନରୁ ସିବିଆଇ ତାଙ୍କୁ ଗିରଫ କରିଥିଲା । ମମତା ତାଙ୍କୁ ଶ୍ରଦ୍ଧାରେ 'କେଷ୍ଟୋଦା' ନାମରେ ଡାକନ୍ତି । ବୀରଭୂମ ଜିଲ୍ଲାରେ ସେ ତୃଣମୂଳର ବାହୁବଳୀ ନେତା । ଗତ ବିଧାନସଭା ନିର୍ବାଚନରେ ସେ ମମତାଙ୍କ 'ଖେଳା ହୋବେ' ସ୍ଲୋଗାନକୁ ଚର୍ଚ୍ଚିତ କରାଇଥିଲେ । ଚଢାଉ ବେଳେ ନିଜ ବାସଗୃହର ଦ୍ୱିତୀୟ ମହଲାରେ ସେ ଘର ଭିତରୁ ବନ୍ଦ କରି ରହିଥିଲେ । ତେବେ ପୁଲିସ ଅଧିକାରୀମାନେ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିବାକୁ ଧମକ ଦେବାପରେ ମଣ୍ଡଳ କବାଟ ଖୋଲିବାକୁ ରାଜି ହୋଇଥିଲେ । ପରେ ତାଙ୍କୁ ସିବିଆଇ ଗିରଫ କରି ଆସାନସୋଲ କୋର୍ଟରେ ହାଜର କରିଥିଲା । ସିବିଆଇ ୧୪ଦିନ ପାଇଁ ରିମାଣ୍ଡରେ ନେବାକୁ ଚାହୁଁଥିଲା ବେଳେ ୯ଦିନ ପାଇଁ ଅନୁମତି ମିଳିଥିଲା । କୋଲକାତାର ନିଜାମ ପାଲେସଠାରେ ସିବିଆଇ ଅଫିସରେ ଅନୁବ୍ରତଙ୍କର ଜେରା ଜାରିରହିଛି । ଅନୁବ୍ରତ ୧୦୦୦ କୋଟି ଟଙ୍କା ସଂପତ୍ତିର ଅଧିକାରୀ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଛନ୍ତି । ଗତ ଏକବର୍ଷ ମଧ୍ୟରେ ୧୦ଥର ତାଙ୍କୁ ସମନ ଜାରି କରାଯାଇଥିଲେ ମଧ୍ୟ ସେ ଥରୁଟିଏ ମାତ୍ର ସିବିଆଇ କୋର୍ଟରେ ହାଜର ହୋଇଥିଲେ ।

ଅନୁବ୍ରତଙ୍କ ଜୀବନୀ "ଖେଲା ହୋବେ" ସାମ୍ବାଦିକ ଚନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ଲେଖାଯାଇ ଗତ ଫେବୃଆରୀ ମାସରେ ଉନ୍ମୋଚିତ ହୋଇଥିଲା । ବୋଲପୁରର ଗୀତାଞ୍ଜଳି ଥିଏଟରଠାରେ ରାଜ୍ୟ ଶିକ୍ଷାମନ୍ତ୍ରୀ ବ୍ରତ୍ୟା ବସୁ, କ୍ଷୁଦ୍ର ବୟନ ଓ କୁଟୀର ଶିଳ୍ପମନ୍ତ୍ରୀ ଚନ୍ଦ୍ରନାଥ ସିହ୍ନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲ୍ଲାର ରାମହାଟପୁର ଅଗ୍ନିକାଣ୍ଡଜନିତ ହତ୍ୟା ଘଟଣାରେ ଅନୁବ୍ରତଙ୍କ ହାତ ଥିଲା ବୋଲି ଅଭିଯୋଗ ହୋଇଥିଲା, ଯେଉଁ ଘଟଣାରେ ୮ଜଣ ଲୋକଙ୍କୁ ଘର ବନ୍ଦ କରାଯାଇ ନିଆଁ ଲଗାଇ ପୋଡି ଦିଆଯାଇଥିଲା, ସେହି ଘଟଣାରେ ପୂର୍ବରୁ ୨୧ ଜଣଙ୍କୁ ଗିରଫ କରାଯାଇସାରିଛି । ପାର୍ଥ ଓ ଅର୍ପିତାଙ୍କ ପରେ ଅନୁବ୍ରତ ତୃତୀୟ ଟିଏମ୍‌ସିର ବଡନେତା ଯାହାଙ୍କୁ ଏବେ ଗିରଫ କରାଯାଇଛି । ଜାଲିଆତି ଓ ଦୁର୍ନୀତିର ଚେର ପଶ୍ଚିମବଙ୍ଗରେ କେତେ ଲମ୍ବା ତାହା ଏହି ଘଟଣାରୁ ଅନୁମାନ କରାଯାଇପାରେ । ତେଣୁ ଇଡିର ଦୃଷ୍ଟି ପୂର୍ତ୍ତମନ୍ତ୍ରୀ ମଳୟ ଘଟକ, ଶିକ୍ଷାମନ୍ତ୍ରୀ ପରେଶ ଅଧିକାରୀ, ବିଧାୟକ ମାନିକ ଭଟ୍ଟାଚାର୍ଯ୍ୟ ଓ ଶିକ୍ଷାସଚିବ ମନିଷ ଜୈନଙ୍କ ଉପରେ ରହିଛି । ଆଗାମୀ ଦିନରେ ଏମାନଙ୍କ ପାଳି ପଡିବାର ସମ୍ଭାବନା ଯଥେଷ୍ଟ ରହିଛି ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର–୭୫୧୦୦୩*

# ନବମ ରାଷ୍ଟ୍ରପତି–ଡକ୍ଟର ଶଙ୍କର ଦୟାଲ୍ ଶର୍ମା





ଦେଶଭକ୍ତ, ଚିନ୍ତାନାୟକ, ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଶର୍ମା ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କରଙ୍କୁ ପୂଜା ଆରାଧନା କରୁଥିବାରୁ ପ୍ରଥମ ପୁତ୍ରର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା' ସୁଭଦ୍ରା ଦେବୀ ଆଖି ବୁଜି ଦେଲେ। ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଈଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଈ ଚାରୋଟି ପୁଅ ଜନ୍ମ ଦେଲେ-ଶମ୍ଭୁ, ଶିବ, ଇଶ ଓ ସୋମେଶ। ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା ମା' ସମ୍ପତ୍ ଊଣା କରୁ ନଥିଲେ। ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ପରିବାରରେ ସର୍ବଦା ପୂଜା-ପାଠ, ବ୍ରତ, ଉପବାସ, ନାମ କୀର୍ତନ ଚାଲିଥାଏ। ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟିଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜାପାଠ ଆତ୍ମାକୁ ସୁଦୃଢ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲ ପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରୀକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଂଟ ଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ, କଳା, ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ। ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି, ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି. ଓ ଏଲ୍.ଏଲ୍.ଏମ୍. ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି, ସାଧାରଣ ପ୍ରଶାସନରେ ଡିପ୍ଲୋମା, ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍‌ଟରେଟ ଉପାଧି ଲାଭ କଲେ । ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କଲେ। ଶଙ୍କର ଦୟାଲ ନିଜ ଜୀବନରେ ଦୁଇଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣତ୍ୟାଗ କରିଥିଲେ। ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀଙ୍କ ସହିତ କରିଥିଲେ। ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରାଜସ୍ଥାନର ଏକ ଆଭିଜାତ୍ୟ ଶିକ୍ଷିତ ପରିବାରରୁ ଆସିଥିଲେ। ସେ ଜଣେ ଧର୍ମପରାୟଣା, ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲଙ୍କ ରାଜନୈତିକ ଜୀବନସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇ ପୂଜାପାଠ ପ୍ରତିଦିନ କରୁଥିଲେ। ଖାଇବା ପୂର୍ବରୁ ଖାଦ୍ୟକୁ ଈଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁକୁ ସେ ବିଶ୍ୱାସ କରନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲ ଗୁରୁଜନମାନଙ୍କୁ ଭକ୍ତି କରୁଥିଲେ। ଯେଉଁ ସମୟରେ ଗାନ୍ଧି ଟୋପି ପିନ୍ଧିବାକୁ ଲୋକେ ଭୟ କରୁଥିଲେ ସେହି ସମୟରୁ ସେ ଟୋପି ପିନ୍ଧୁଥିଲେ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରୀ ନବାବ ହମୀଦ୍ ଉଲ୍ଲାହ ଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜଙ୍କୁ ସମର୍ଥନ କରୁଥିଲେ। ଭି.ପି. ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ। ଏହି ଖବର ପାଇ ମା' ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇପଡିଲେ। ଅତ୍ୟାଚାରୀ ନବାବର କଠୋର ଶାସନ ମା' ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲଙ୍କ ସହିତ ଲାଲ ସିଂହ, ଭୈରବ ପ୍ରସାଦ ଓ ଉଦ୍ଧବ ଦାସ ମେହେଟ୍ଟା ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୁଳିମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରୀ ନବାବ ଲୋକଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ; କିନ୍ତୁ ତାଙ୍କ ଜନ୍ମମାଟି ଭୋପାଳ ରାଜଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା। ୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା। ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରିମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ। ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା, ଲୋକନିର୍ମାଣ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ସେ ନିର୍ବାଚିତ ହେଲେ। ଏସ୍. ନିଜଲିଙ୍ଗପ୍ପା ତାଙ୍କୁ କେନ୍ଦ୍ରୀୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପ୍ପା ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ମତପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ (ଆର)ରେ ଯୋଗଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ। ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ। ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ମହାରାଷ୍ଟ୍ରର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀମାନେ ତାଙ୍କ ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଦୁଃଖକୁ ସେ ଧୈର୍ଯ୍ୟର ସହିତ ସହିଗଲେ। ୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ। ଏହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ। ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନପସନ୍ଦର ଲଡୁ, ବାଇଗଣ ଭର୍ତା, ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି। ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନିରୀକ୍ଷା ହେବ। ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମା।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମ ଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି, କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୯୯୭ ମସିହା ଜୁଲାଇ ୨୫ ତାରିଖରେ ସେ ରାଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନ ପାଇଁ ରାଷ୍ଟ୍ରପତି ଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶସେବା, ଜନହିତକର କାର୍ଯ୍ୟରେ ମନପ୍ରାଣ ଢାଳି ଦେଲେ। ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ। ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା। ଡାକ୍ତରଙ୍କର ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ମରଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ବେଦମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା। ତାଙ୍କର ପୁତ୍ର ଆଶୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ; ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

**––ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତସିଂହପୁର, ମୋ–୯୯୩୭୬୯୧୪୭୫




## ଚଳିତ ଶିକ୍ଷାବର୍ଷଠାରୁ ସରକାରୀ ଭେଷଜ ମହାବିଦ୍ୟାଳୟ କେନ୍ଦୁଝରରେ ନାମଲେଖା, ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ପରେ ଏନ୍ଏମ୍ସି ଯାଞ୍ଚ ଶେଷ କଲେ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ମହକୁମାର କବିଟ୍ରାରେ ସ୍ଥାପିତ ହୋଇଥିବା ସରକାରୀ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ,କେନ୍ଦୁଝର ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନାମଲେଖା ପାଇଁ ସବୁଜ ସଙ୍କେତ ମିଳିଛି । ବୁଧବାର ଅର୍ଥାତ ଅଗଷ୍ଟ ୧୭ତାରିଖ ଦିନ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି) ଙ୍କ ଏମ ଟିମ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭିତ୍ତିଭୂମି ଯାଞ୍ଚ କରିଛନ୍ତି । ଚଳିତ ବର୍ଷ କେନ୍ଦୁଝର ସରକାରୀ ମେଡିକାଲ କଲେଜରେ ୧୦୦ ଏମବିବିଏସ୍ ଛାତ୍ରଛାତ୍ରୀ ନାମ ଲେଖାଇବା ଆରମ୍ଭ ହେବ। ଏହି ଅନୁଧ୍ୟାନ ସମୟରେ ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଚିନ୍ମୟୀ ମହାପାତ୍ର. ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ଶୁଭବ୍ରତ ପରିଡା,କେନ୍ଦୁଝର ଜିଲ୍ଲା ପ୍ରଶାସନ,ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିବାବେଳେ ଏହା ରାଜ୍ୟର ଦଶମ ସରକାରୀ ମେଡିକାଲ କଲେଜ ହେବ ବୋଲି ଜଣାପଡିଛି। ଏଠାରେ ୮୦ଜଣ ପ୍ରଫେସର ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଓ ଅନ୍ୟାନ୍ୟ କର୍ମଚାରୀ ଥିବାବେଳେ ଆଉ ୧୪ଜଣ ଡାକ୍ତରଙ୍କୁ ଖୁବ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ଜଣାପଡିଛି । ଏହାକୁ ନେଇ ଅଣ୍ଡରଟେକିଂ ଦିଆଯିବ ବୋଲି ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ଶ୍ରୀମତୀ ଶୁଭବ୍ରତା ପରିଡା ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହରେ ଲେଟର ଅଫ କନସେଣ୍ଟ ବା ସମ୍ମତି ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଚଳିତ ବର୍ଷଠାରୁ ଏଠାର ନାମଲେଖା ହେବ ବୋଲି ଜଣାପଡିଛି । ପ୍ରତ୍ୟେକ ବର୍ଷ ଜାତୀୟ ଚୟନ ପ୍ରବେଶିକା ପରୀକ୍ଷା ବା ନିଟ ମାଧ୍ୟମରେ ମେଡିକାଲ ଛାତ୍ରଛାତ୍ରୀଙ୍କ ନାମଲେଖା କରାଯାଇଥିବାବେଳେ ନିଜ ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଆଗ୍ରହ ରହିଥାଏ। ୨୦୧୬ ମସିହା ନଭେମ୍ବର ମାସ ୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦୁଝର ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଥିଲା । ୪୪.୪୦ଏକର ଜମିରେ ଏହି ମେଡିକାଲ କଲେଜର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ପ୍ରାରମ୍ଭିକ ଭାବେ ଛାତ୍ରଛାତ୍ରୀମାନେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟ ପ୍ରାକ୍ଟିକାଲ କ୍ଲାସ କରିବେ ବୋଲି ଜଣାପଡିଛି । ଜାତୀୟ ମେଡିକାଲ କମଶନ ର ଡାକ୍ତରୀ ମୂଲ୍ୟାଙ୍କନ ଓ ମୂଲ୍ୟାୟନ ବୋର୍ଡ ଦ୍ୱାରା ମେଡିକାଲ କଲେଜର ସ୍ଥିତି ଯାଞ୍ଚ କରିବା ପରେ ଖୁବ ଶୀଘ୍ର ଅନୁମୋଦନ ପତ୍ର ମିଳିବା ପରେ ନାମଲେଖା ହେବ। ପୂର୍ବରୁ ରାଜ୍ୟରେ ୮ ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଥିବାବେଳେ ସୁନ୍ଦରଗଡ ଏବଂ କେନ୍ଦୁଝର ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ, ନ୍ୟାସନାଲ ମେଡିକାଲ କମିଶନ ସରକାରୀ ମେଡିକାଲ କଲେଜ,କେନ୍ଦୁଝର ଭିତ୍ତିଭୂମି ଯାଂଚ କରିବାରେ ବିଳମ୍ବ କରିବାରୁ ଚଳିତ ଶିକ୍ଷା ବର୍ଷରୁ କଲେଜରେ ପାଠ ପଢା ନେଇ ଆଶଙ୍କା ଦେଖାଦେଇଥିଲା। ଏହାପରେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଏ ନେଇ ଅବଗତ କରି ତୁରନ୍ତ ନ୍ୟାସନାଲ ମେଡିକାଲ କମିଶନ ଟିମ ପଠାଇବାକୁ ଅନୁରୋଧ କରିଥିଲେ। ଶ୍ରୀ ମାଝୀ ଙ୍କ ଅନୁରୋଧ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତକାଲି ଭିଡିଓ କନଫରେନ୍ସ ମାଧ୍ୟମରେ ଯାଞ୍ଚ ଶେଷ ହୋଇଛି।

## ଆମ ଜଙ୍ଗଲ ଯୋଜନାରେ ୧୦ ହେକଟର ବନୀକରଣ ପାଇଁ ଯୋଜନା

ବଲାଙ୍ଗିର,(ପି.ଏନ): ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ (ଖ) ଦ୍ୱାରା ଆମ ଜଙ୍ଗଲ ସମିତି ପକ୍ଷରୁ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମରେ ୧୦ ହେକ୍ଟର ବିଶିଷ୍ଟ ଏକ ଜଙ୍ଗଲ ବିକାଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଲୋଇସିଂହା ବିଧାୟକ ଡ଼ ମୁକେଶ ମହାଲିଙ୍ଗ, ବୃନ୍ଦାବନ ସେଠ୍ ସରପଞ୍ଚ ନଅଗାଁ (ଖ), ରାମଜୀ ଯୁବକ ସଂଘର ସଭାପତି ନରସିଂହ ସାହୁ, ସମ୍ପାଦକ ସଦାନନ୍ଦ ପଶାୟତ, ପଲ୍ଲୀ ଆଲୋକ ପାଠାଗାର ନଅଗାଁ (ଖ) ସମ୍ପାଦକ ପ୍ରଶାନ୍ତ ନାୟକ, ଚୂଡ଼ାମଣି ବିଶ୍ୱାଳ, ଗୋପୀନାଥ ଦୀପ, ଫକୀର ବିଶ୍ୱାଳ, ଅର୍ଜୁନ ସାହୁ, ବୃନ୍ଦାବନ ସାହୁ, ବିନାୟକ ବିଶ୍ୱାଳ ତଥା ରାମଜୀ ଯୁବକ ସଂଘର ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲୋଇସିଂହା ରେଞ୍ଜରଙ୍କ ତରଫରୁ ଚିନ୍ମୟ ପାଣିଗ୍ରାହୀ ସଭାରେ ଯୋଗଦାନ କରି ଜଙ୍ଗଲ ବିକାଶ ବିଷୟରେ ଆଲୋଚନା କରିଥିଲେ ।

## ବେଗୁନିଆ ବିଧାୟକ ବନ୍ୟା ପାଣିର ସ୍ଥିତ ପରଖିଲେ




ଖୋର୍ଦ୍ଧା, (ପିଏନ): ମହାନଦୀରେ ସଲଗ୍ନ ହୋଇଥିବା ରଣ ନଈ ଓଲଟା ପାଣି ପ୍ରବାହିତ ହୋଇ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବାଘମାରୀ ପଂଚାୟତ ଅନ୍ତର୍ଗତ ଏସିଆ ପ୍ରସିଦ୍ଧ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଉଷ୍ଣ ପ୍ରସ୍ରବଣ ଭିତରେ ପାଣି ଗତକାଲି ସୁଦ୍ଧା ୫ ଫୁଟ ରହିଥିଲା । ଲଘୁଚାପ ଜନିତ ବର୍ଷା କମିବା ଯୋଗୁଁ ନଦୀର ଜଳସ୍ତର ଗୁରୁବାର ଦିନ ସକାଳୁ କମିବାରେ ଲାଗିଛି ।ଏ ନେଇ ପୂର୍ବାହ୍ନରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ବନ୍ୟାଚଂଳ ପରିଦର୍ଶନ କରିବା ସହ ଅଟ୍ରି ଉଷ୍ଣ ପ୍ରସ୍ରବଣ ଜମି ରହିଥିବା ବନ୍ୟା ଜଳରେ ପହଁରି ପାଣିର ସ୍ଥିତି ପରଖି ଥିଲେ ।ଖବର ଲେଖା ହେଲା ବେଳକୁ ଅଟ୍ରୀ ଉଷ୍ଣ ପ୍ରସ୍ରବଣ ପରିସରରେ ୩ ଫୁଟ ପାଣି ରହିଥିବା ଜଣା ପଡିଛି ।

## ବାଂଶପାଳ ଉପ-ଡାକପାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର(ପି.ଏନ): ରାଜ୍ୟ ଜନଜାତିର ସାଧାରଣ ସମ୍ପାଦକ ତଥା ବାଂଶପାଳ ଉପଡାକଘରର ଡାକପାଳ ଶିରିଶ ଚନ୍ଦ୍ର ନାଏକ କେନ୍ଦୁଝରଗଡ ପୁରୁଣାବଜାର ଉପକାଡଘରର ଉପଡାକପାଳ ଭାବେ ବଦଳି ହୋଇ ଯାଇଛନ୍ତି । ଶ୍ରୀ ନାଏକଙ୍କ କାର୍ଯ୍ୟକାଳ ସମୟରେ ବାଂଶପାଳ ଉପଡାକଘରର ସାମଗ୍ରୀକ ବିକାଶ ଘଟିଥିଲା । ସେଠାରେ ଜନସାଧାରଣ ତଥା ଉପଭୋକ୍ତାଙ୍କ ସହ ମିଶି ଡାକଘରେ ଆଶାତୀତ ଭାବେ ନୂତନ ପାଶ୍ ବହି ଖୋଲିବା ଠାରୁ ଆରମ୍ଭ କରି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମାଧମରେ ଅସହାୟ ଓ ବୃଦ୍ଧ ଲୋକମାନଙ୍କ ପାଖରେ ସେବା ପହଂଚିପାରୁଥିଲା । ବାଂଶପାଳ ପରି ଏକ ଆଦିବାସୀ ଅଧୁଷିତ ଓ ଉପାନ୍ତ ଅଂଚଳରେ ନେଟ୍ ବ୍ୟାଙ୍କିଂ ସମସ୍ୟା ଅତି ଉକ୍ଟ ଥିବା ସତ୍ତ୍ୱେ ଶ୍ରୀ ନାଏକ ସାଧ ମତେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇ ଆସୁଥିଲେ । ସ୍ଥାନୀୟ ପ୍ରଶାସନକୁ ନେଇ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ଡାକଘରର ଉନ୍ନତି ସାଧିତ ହୋଇପାରିଥିଲା । ବିଶେଷ କରି ସେ ଅତ୍ୟନ୍ତ ମେଳାପି, ଭଦ୍ର ଓ କଠିନ ପରିଶ୍ରମି ଥିଲେ । ତାଙ୍କର ବଦଳି ଖବର ଶୁଣି ସାଧାରଣ ଜନତା ଓ ସହଯୋଗି କର୍ମୀ ଅତ୍ୟନ୍ତ ଦୁଃଖିତ ହୋଇ ପଡିଥିଲେ । ଏକ ନିରାଡମ୍ବର ଉତ୍ସବରେ ସ୍ଥାନୀୟ କୃଷି ସୂଚନା ଗୃହରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । ଏଥିରେ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ହରିହର ନାୟକ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ହରିହର ସୋନା ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଶ୍ରୀ ନାଏକଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାଂଶପାଳ ଅଧିନରେ ଥିବା ଶାଖା ଡାକଘର କର୍ମଚାରୀ ସନାତନ ସାହୁ, ଅଭିମ୍ୟନୁ ପ୍ରଧାନ, ଚନ୍ଦ୍ରଶେଖର ସେଠୀ, ମନୋଜ ସିଂ, ଅଭିମନ୍ୟୁ ପ୍ରଧାନ, ଭାସ୍କର ପ୍ରଧାନ, ଦିପ୍ତୀ ରନ ପଣ୍ଡା, କୁର୍ଭିବାସ ସାହୁ, ଉମେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ଶ୍ରୀ ନାଏକଙ୍କୁ ଉପଢୌକନ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପାରାଦୀପ ବନ୍ଦର ପକ୍ଷରୁ ସାମୁଦ୍ରିକ ସାର୍ବଜନୀନ ବେସରକାରୀ ସହଭାଗିତା କନ୍‌କ୍ଲେଭ

ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ପକ୍ଷରୁ ଗୁରୁବାର ଦିନ ଭୂବନେଶ୍ୱରଠାରେ ସାମୁଦ୍ରିକ ସାର୍ବଜନୀନ ବେସରକାରୀ ସହଭାଗିତା କନ୍‌କ୍ଲେଭ୍-୨୦୨୨ ଆୟୋଜିତ ହୋଇଯାଇଛି । ଏହି କନ୍‌କ୍ଲେଭ୍‌ରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ । ଭିଡିଓ କନଫରେନସିଂ ମାଧ୍ୟମରେ ଶ୍ରୀ ଠାକୁର ପାରାଦୀପ ବନ୍ଦର ଆଗାମୀ ୨୦୪୭ ମସିହା ସୁଦ୍ଧା ପାରାଦୀପ ବନ୍ଦର ୭୫୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାରର ଲକ୍ଷ୍ୟ ରଖିଛି । ପାରାଦୀପ ବନ୍ଦରରେ ଆଗାମୀ ବର୍ଷରେ ପଶ୍ଚିମ ଡକ୍ କାମ ସରି ପଣ୍ୟ କାରବାର ଆରମ୍ଭ ହେବ । ପାରାଦୀପ ବନ୍ଦରରେ ୧୮.୫ ମିଟର ବୃହତକାୟ ଜାହାଜ ପଣ୍ୟ କାରବାରର ଲକ୍ଷ୍ୟ ରହିଥିବା




ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ । ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ ପାରାଦୀପ ବନ୍ଦର ଆଗାମୀ ଦିନରେ ବିଶ୍ୱର ଶ୍ରେଷ୍ଠ ବନ୍ଦର ଭାବେ ଉଭା ହେବାକୁ ଯାଉଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସରକାରଙ୍କ ଶିକ୍ଷ ସଚୀବ ହେମନ୍ତ ଶର୍ମା, ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚୀବ ବିଷ୍ଣୁପଦ ସେଠୀ, ଇଷ୍ଟକୋଷ୍ଟ ରେଳବାଇର ଜେନେରାଲ ମ୍ୟାନେଜର ଶରତ କୁମାର ଶ୍ରୀବସ୍ତବ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଧାରେ ଆୟୋଜିତ ଅଧିବେଶନରେ ପାରାଦୀପ ବନ୍ଦରରେ ପଣ୍ୟକାରବାରରେ ଉତ୍କୃଷ୍ଟତା ପାଇଁ ବିଭିନ୍ନ ସଂସ୍ଥାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ପୌରପାଳିକାପକ୍ଷରୁ ସଚେତନତା ସମାବେଶ

ପାରାଦୀପ,(ପି.ଏନ): ପବିତ୍ର ସ୍ୱାୟତ ଶାସନ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପାରାଦୀପ ପୌରପାଳିକା ପକ୍ଷରୁ ଏକ ସଚେତନତା ସମାବେଶ ଗୁରୁବାର ଦିନ ତାରିଣୀଗଡା, ବାଲିଝରା ଅଂଚଳରେ ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୌରପାଳିକାର ପାରିଷଦ, ସ୍ଥାନୀୟ ଜନସାଧାରଣମାନେ ଏହି ସମାବେଶରେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଅଂଚଳ ପରିକ୍ରମା କରିଥିଲା। ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜନସାଧାରଣଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ କରିବାକୁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଉପାଧକ୍ଷା ଛବିଲତା ରାଉତଙ୍କ ସମେତ ଅନ୍ୟ ପାରିଷଦମାନେ ଯୋଗ ଦେଇଥିଲେ ।

## ପାଓ୍ୱାର ତାଲା ପୋଲ ସେତୁ ଲଘୁଚାପ ବର୍ଷା ରେ ଭାଙ୍ଗିଲା

ନୂଆପଡ଼ା,(ପି.ଏନ): ନୂଆପଡା ସଦର ବ୍ଲକ ର ପାବରତଳା ପୋଲ ସେତୁ ଲଘୁ ଚାପ ବର୍ଷା ରେ ପୁଣି ଭାଙ୍ଗିଯାଇଛି,ପ୍ରଥମ ଲଘୁ ଚାପ ଜନୀତ ବର୍ଷା ଅର୍ଥାତ ଗତ ୧୦ ତାରିଖ ରାତ୍ରି ରେ ପତୋରା ଡେମ ର ସ୍ପିଲୱେ ଗେଟ ଖୋଲିବା ଯୋଗୁଁ ୩୫ ମିଟର ଯାଏ ଭାଙ୍ଗିଥିବାବେଳେ ଆଜି ପୁଣି ୩୫ ମିଟର କୁ ମିଶେଇ ସମୁଦାୟ ୭୦ ମିଟର ପୋଲ ସେତୁ ଭାଙ୍ଗି ପଡିଛି,ପାବରତଳା ସେତୁ ରେ ୯୦ ଗୋଟି ପୋଲ ଉପରେ ୩ଶହ ମିଟର ଯାଏ ଗତ ୨୦ ବର୍ଷ ତଳେ ପୋଲ ସେତୁ ତିଆରି ହୋଇଥିଲା,ପାବରତଳା ସେତୁ ଭାଙ୍ଗିବା ଯୋଗୁଁ ଆମାନାରା ଓ କେନ୍ଦୁ ବାହାରା ଦୁଇ ଗୋଟି ଗ୍ରାମ ପଂଚାୟତ ର ଲୋକ ମାନେ ୧୫ କିମି ବୁଲି ଅନ୍ୟ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି,ପାଣି କମିବା ପରେ ପୁଣି ସେତୁ ଭାଙ୍ଗିଥିବା ସ୍ଥାନ ରେ ନିର୍ମାଣ କାମ ଚାଲିବ ବୋଲି ଆରଡି ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଚନା ଦେଇଛନ୍ତି।

## ଟାଟାଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ୨୮୮ରୁ ଉର୍ଦ୍ଧ୍ୱ ଶୌଚାଳୟ ନିର୍ମିତ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ୧୪୪୦ ବାସିନ୍ଦା ଉପକୃତ

ଯୋଡ଼ା(ପି.ଏନ): କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ଅଞ୍ଚଳରେ ସ୍ୱଚ୍ଛ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଟାଟାଷ୍ଟିଲ ଲିମିଟେଡ଼ର ସିଏସଆର ସଂସ୍ଥା ଟାଟାଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଗତ ୪ ବର୍ଷ ମଧରେ ଏହି ଅଞ୍ଚଳରେ ୨୮୮ଟି ଶୌଚାଳୟ ନିର୍ମାଣ କରାଯାଇଛି। ଖୋଲା ମଳତ୍ୟାଗକୁ ବନ୍ଦ କରିବା ଓ କଠିନ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ 'ସ୍ୱଚ୍ଛଭାରତ ଅଭିଯାନ' ଅନ୍ତର୍ଗତ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ପଳସା କ, ପଳସା ଖ, ଗୁରୁଡ଼ା, ଖଣ୍ଡବନ୍ଧ (କେନ୍ଦୁଝରଜିଲ୍ଲା) ଏବଂଗଣୁଆ(ସୁନ୍ଦରଗଡ଼) ଗ୍ରାମର ପ୍ରାୟ ୧୪୪୦ରୁ ଉର୍ଦ୍ଧ୍ୱ ବାସିନ୍ଦା ଉପକୃତ ହୋଇଛନ୍ତି। ସମସ୍ତଙ୍କୁ ଶୌଚାଳୟ ବ୍ୟବହାର କରିବା ସହିତ ଖୋଲାରେ ଅଳିଆ ଆବର୍ଜନା ପକାଇବାରୁ ନିବୃତ କରିବା ହେଉଛି ଟିଏସ୍ଏଫ୍‌ର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ପଳସା ଖ ଗ୍ରାମର ଜଣେ ହିତାଧିକାରୀ ଲିପିକା ମୁଣ୍ଡା କହିଛନ୍ତି ଯେ, ନ୍ତଟିଏସ୍ଏଫ୍‌ରଏହି ପଦକ୍ଷେପ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣ ମାଧ୍ୟମରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତାର ପ୍ରସାର ଦ୍ୱାରା ଆମର ଗ୍ରାମୀଣ ଅଞ୍ଚଳରେ ସାଧାରଣ ଲୋକଙ୍କ ଜୀବନ ଧାରଣମାନରେ ବହୁ ପରିମାଣରେ ଉନ୍ନତି ଆଣିପାରିଛି।ନ୍ତ ସେହି ଗ୍ରାମର ଅନ୍ୟ ଜଣେ ହିତାଧିକାରୀ ସୁନିତା ମୁଣ୍ଡା, ଲିପିକା ମୁଣ୍ଡାଙ୍କ କଥାରେ ସହମତି ପ୍ରକାଶ କରି କହିଛନ୍ତି ଯେ, ନ୍ତପୂର୍ବରୁ ଆମକୁ ଖୋଲାରେ ମଳତ୍ୟାଗ କରୁଥିବାରୁ ଲଜ୍ଜିତ ଅନୁଭବ ହେଉଥିଲା। କିନ୍ତୁ ଟିଏସ୍ଏଫ୍‌ର ଏହି ପଦକ୍ଷେପ ମାଧ୍ୟମରେ ଶୌଚାଳୟ ନିର୍ମାଣ ଦ୍ୱାରା ଆମ ଜୀବନରେ ପରିବର୍ତ୍ତନ ଆସିଛି। ମୋ ତରଫରୁ ଟିଏସ୍ଏଫ୍‌କୁ ଅଶେଷ ଧନ୍ୟବାଦ।ନ୍ତ ଏହାସହିତ, ଖଣି-ପ୍ରଭାବିତ ଅଞ୍ଚଳରେ ସୁସ୍ଥ ଜୀବନ ଯାପନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଟିଏସ୍ଏଫ୍ ପକ୍ଷରୁ ପଳସା ଖ, ଗଣୁଆ ଓ ଖଣ୍ଡବନ୍ଧ ଗ୍ରାମରେ ଜଳ ସୁବିଧା ବିଶିଷ୍ଟ ଶୌଚାଳୟ ଓ ଗାଧୁଆ ଘର ନିର୍ମାଣ କରାଯାଇଛି। ଏହାଛଡ଼ା ଗ୍ରାମୀଣ ଅଞ୍ଚଳରେ ଦୀର୍ଘସ୍ଥାୟୀ ଜୀବିକାକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ପକ୍ଷରୁ ଏହାର କାର୍ଯ୍ୟକ୍ଷେତ୍ରରେ ଚାଷ ପାଇଁ ପୋଖରୀର ନିର୍ମାଣ କରାଯାଇଛି।

## ଶେରଗଡ଼ ମିଡ଼ିଆ ହାଉସ ପକ୍ଷରୁ ୨ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,(ପି.ଏନ): ଶେରଗଡ ବ୍ଲକର ୬ଜଣ ୨ ଟପ୍ପର ଛାତ୍ରଛାତ୍ରୀଙ୍କୁ ଶେରଗଡ ମିଡିଆ ହାଉସ ପକ୍ଷରୁ ଉଦୟ ପ୍ରତାପ ବିଜ୍ଞାନ କଲେଜରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସଂବର୍ଦ୍ଧନା ଦିଆଯାଇଛି। ଶେରଗଡ଼ ବ୍ଲକ ଅଧିନସ୍ଥ ପିତଳ ବିଜ୍ଞାନ ମହାବିଦ୍ୟାଳୟ ଓ ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସର୍ବାଧିକ ନମ୍ବର ରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରିଥିବା ଛଅ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମିଡ଼ିଆ ହାଉସ ତରଫରୁ ଉତରୀୟ, ମାନ ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅନୁକ୍ରମେ ପିତଳ ମହାବିଦ୍ୟାଳୟର ୨ କଳା ବିଭାଗର ପବିତ୍ର ମୋହନ ବଡତ୍ୟା ୫୧୪ନଂ ଓ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଲିଜା ସ୍ୱାଇଁ ୫୧୩ନଂ,ବାଣିଜ୍ୟ ବିଭାଗର ଦୀପକ ସ୍ୱାଇଁ ୪୩୫ ଓ ସଂଗ୍ରାମ ଗୌଡ଼ ୪୦୯ନଂ ଏବଂ ବିଜ୍ଞାନ ବିଭାଗର ସାଇରାମ ସାବତ ୪୫୫ନଂ ଓ ସ୍ମୃତିରେଖା ପାଢ଼ୀ ୪୧୫ନଂ ହାସଲ କରି କୃତିତ୍ୱ ଅର୍ଜନ କରି ଶେରଗଡ଼ ବ୍ଲକ, ଅଧାପକ ଓ ଅଧାପିକା ତଥା ପିତା ମାତାଙ୍କ ନିମନ୍ତେ ଗୌରବ ସୃଷ୍ଟି କରିଛନ୍ତି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ସର୍ବଜିତା ଫାଉଣ୍ଡେସନ ତରଫରୁ ବୁଦ୍ଧିଜୀବି ସମ୍ମିଳନୀ

ହାଟଡିହୀ,(ପି.ଏନ): ପବିତ୍ର ସ୍ୱାଧିନତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ହଟଡିହୀ ବ୍ଲକ ଅନ୍ତର୍ଗତ ହାଟଡିହୀ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ସର୍ବଜିତା ଫାଉଣ୍ଡେସନ ତରଫରୁ ଏକ ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ରତ୍ନାକର ଦାସ ସଭାପତିତ୍ୱ କରିଥିଲେ । ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ମୁଖ୍ୟ ଅତିଥି,ବିଶିଷ୍ଟ ସମାଜସେବୀ ସମ୍ଭୁନାଥ ରାଉତ ମୁଖ୍ୟ ବକ୍ତା ଓ ନାରୀ କବି ବିଦ୍ୟୁତ୍ ପ୍ରଭା ଦେଓ ସମ୍ମାନୀତ ଅତିଥି ରୁପେ ଯୋଗଦେଇ ନିଜନିଜର ଅଭିଭାଷଣ ରଖିଥିଲେ । ସର୍ବଜିତା ଫାଉଣ୍ଡେସନ ର ଅଧ୍ୟକ୍ଷା ଝାନସୀ ରାଣି ଦାସ ସ୍ୱେଚ୍ଛାସେବୀ ସଂଗଠନ ସର୍ବଜିତା ଫାଉଣ୍ଡେସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଅବଗତ କରାଇବା ସହିତ ସ୍ଥାନୀୟ ବୁଦ୍ଧିଜୀବି ମାନଙ୍କ ସହଯୋଗ , ପରାମର୍ଶ ଓ ଆଶିର୍ବାଦ ପାଇଁ ନିବେଦନ କରିଥିଲେ । ଗତ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ହାଇସ୍କୁଲ ଓ +୨ ର ଛାତ୍ରଛାତ୍ରୀ ମାନଙ୍କୁ ସଂଗଠନର ଅଧ୍ୟକ୍ଷା ଝାନସୀ ରାଣି ଦାସ ଫୁଲ ତୋଡା ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥିତ ବୁଦ୍ଧିଜୀବି ମାନଙ୍କୁ ମଧ୍ୟ କଭର ଫାଇଲ,ପେନ ଓ ଖାତା ସଂଗଠନ ତରଫରୁ ପ୍ରଦାନ କରାଯାଇଥିଲା ।ଶତାଧିକ ବୁଦ୍ଧିଜୀବି ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇ ନିଜନିଜର ମତାମତ ଦେବା ସହିତ ସର୍ବଜିତା ଫାଉଣ୍ଡେସନର ଏଭଳି କାର୍ଯ୍ୟକ୍ରମକୁ ଭୂୟିଅସୀ ପ୍ରଶଂସା କରିଥିଲେ । ହାଟଡିହୀ ଅଂଚଳର ବିଶିଷ୍ଟ ସମାଜସେବୀ ବିଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯକ୍ରମରେ ବୈକୁଣ୍ଠନାଥ ଯୁବ ପରିଷଦର ସଭାପତି କହ୍ନେଇ ଚରଣ ଓଝା,ଦେବ ନାରାୟନ ଦାସ,ଜୟଦେବ ଦାସ,ସୁଦାମ ଚନ୍ଦ୍ର ରଣା,ଜତୀନ୍ଦ୍ର ମଲ୍ଲିକ,ସୁନେଲି କୁମାର ନାୟକ,ମଦନ ଦାସ,ପଙ୍କଜ ଚରଣ ଜେନା ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲୋ

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ୧୯ରେ ହେବ ଜବରଦଖଲ ଉଚ୍ଛେଦ, ଅତିରିକ୍ତ ତହସିଲଦାରଙ୍କ ନିର୍ଦ୍ଦେଶ

### *ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଧଉଳି ଥାନାକୁ ନିର୍ଦ୍ଦେଶ*

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ତହସିଲଦାର ଏବଂ ଭୁବନେଶ୍ୱର ବିଡିଓଙ୍କ ଏହି ଘଟଣା ଉପରେ ମତାମତ ସମ୍ପୂର୍ଣ୍ଣ ଭାବେ ବିପରୀତ। ଯେମିତି କି ଉଭୟଙ୍କ ମଧ୍ୟରେ କୌଣସି ସମ୍ବନ୍ଧ ନାହିଁ । ତହସିଲଦାର ମହାଶୟ ନୂତନ ଅଙ୍ଗନବାଡି ଯାଗାକୁ ନେଇ କହିଥିଲେ ଯେ ଯାଗା ଚିହ୍ନଟ ହୋଇଯାଇଛି। ସ୍ଥାନୀୟ ସରପଂଚ ଏବଂ ସିଡିପିଓଙ୍କ ଉପସ୍ଥିତିରେ ଯାଗା ମପା ହୋଇଯାଇଛି କିନ୍ତୁ ସରପଂଚ ଓ ସିଡିପିଓଙ୍କ ମତାମତ ନେଲାପରେ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ତାଙ୍କୁ ତହସିଲଦାର କିମ୍ବା ଆରଆଇ କୌଣସି ଯୋଗାଯୋଗ କରିନାହାଁନ୍ତି। ସେହିଭଳି ବିଡିଓ ମହାଶୟ ପ୍ରତିକ୍ରିୟା ଦେଇ କହିଛନ୍ତି ୩/୪ ଦିନ ଭିତରେ ସମସ୍ତଙ୍କ ଉପସ୍ଥିତିରେ ଯାଗା ହସ୍ତାନ୍ତର କରିବା ପାଇଁ ଯୋଜନା ରଖାଯାଇଛି। ଏଥିରୁ ସ୍ପଷ୍ଟ ପ୍ରମାଣ ଯେ ତହସିଲଦାର କି ବିଡିଓ ସରକାରଙ୍କ ୫-ଟି ନିୟମକୁ ଭୁଆଁ ବୁଲାଉଥିବା ଜଣାପଡୁଛି। ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତ ଅନ୍ତର୍ଗତ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ଠାରେ ବିଗତ ବହୁ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ଭଡାରେ ଚାଲିଛି। ଏଥିରେ ବହୁ କୁନି ଓ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ଭଡା ସ୍ଥାନରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି ଠିକ୍ ନଥିବାରୁ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦାବୀ ହୋଇଥିଲା। ଯାହାଫଳରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲଦାରଙ୍କ ପତ୍ର ସଂଖ୍ୟା-୯୨୩୪, ତାରିଖ-୩୧.୦୫.୨୦୨୨ ଦ୍ୱାରା ୨୦୦ ଡିସିମିଲ ଜମି ଆବଟଂନ କରିଥିଲେ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ତୁ ସେହି ଜମି ଜବରଦଖଲ ଥିବାରୁ ବିଡିଓ ନିଜ ଅକ୍ତିଆରକୁ ନେଇପାରିଲେ ନାହିଁ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ ଉକ୍ତ ଯାଗାକୁ ଜବର ଦଖଲ ମୁକ୍ତ କରିବାକୁ। ତହସିଲଦାର ସେହି ଯାଗାକୁ ପୋଲିସ ସହାୟତାରେ ଜୁନ୍ ମାସ ୨୮ ତାରିଖରେ ଆଂଶିକ ଉଚ୍ଛେଦ କରି ଜଗବରଦଖଲ ମୁକ୍ତ କରିପାରିନାହାଁନ୍ତି। ଶୁଣିବାକୁ ମିଳୁଛି ନିକଟରେ ଥିବା ଏକ ମଠର କର୍ମକର୍ତାମାନେ ଆରଆଇ ଓ ତହସିଲଦାରଙ୍କୁ ଉଚ୍ଛେଦ ନକରିବା ପାଇଁ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯାହାକି ଅନୁସନ୍ଧାନସାପେକ୍ଷ। ତହସିଲଦାର ଓ ସିଡିପିଓଙ୍କ ଅସମ୍ଭବ ନୀରବତା ସମସ୍ତଙ୍କୁ ସନ୍ଦେହଘେରକୁ ଟାଣୁଛି। ସିଡିପିଓ ଏହି ଅଗଷ୍ଟ ୩୧ ତାରିଖ ୨୦୨୨ରେ ଅବସର ନେବାକୁ ଯାଉଥିବାବେଳେ ସେ ଅଙ୍ଗନବାଡି କର୍ମୀଙ୍କୁ ଓ ସ୍ଥାନୀୟ ସୁପରଭାଇଜର ଉପରେ ଅଙ୍ଗନବାଡି କେନ୍ଦ୍ର ଯାଗା ବଂଟନକୁ ନେଇକରି ମୁହଁ ନଖୋଲିବାକୁ ତାଗିଦ କରିଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ସିଡିପିଓଙ୍କର ବିଫଳତା ପରିପ୍ରକାଶ ହୋଇଯିବ। ଜନସାଧାରଣ ଅତିଷ୍ଠ ହେଲେଣି। ଅଙ୍ଗନବାଡି କେନ୍ଦ୍ରକୁ ନେଇ ଏତେ ରାଜନୀତି ପିଲାମାନଙ୍କର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି। ମାସକୁ ୫ ହଜାର ଭଡା ଦେଇ କେତେଦିନ ଚାଲିବ ଅଙ୍ଗନବାଡି କେନ୍ଦ୍ର ତାହା ସମୟ ହିଁ କହିବ। ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କୁ ହାତ କରି ମଠର କର୍ମକର୍ତା ଆରଆଇ ଏବଂ ତହସିଲଦାରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଯାହାଫଳରେ ସରକାରୀ ନିୟମ ପାଳନ କରିବାରେ ଅହେତୁକ ବିଳମ୍ବ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏହି ବିଷୟରେ ଅବଗତ ଥିବା ସତ୍ୱେ ତହସିଲଦାର ଓ ସିଡିପିଓ ଏବଂ ରେଭିନ୍ୟୁ ଇନ୍ସପେକ୍ଟର ତାଙ୍କୁ ଭୁଆଁ ଭୁଲେଇ ସମୟ ଗଡାଇବାରେ ବ୍ୟସ୍ତ। ଏଥିରେ ଅବଗତି ନିମନ୍ତେ ରାଜ୍ୟ ବିଧାନସଭାରେ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ବିଧାୟକ ସାଲୁଗା ପ୍ରଧାନ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ଙ୍କ ୦୨.୦୭.୨୦୨୨ରେ ମୌଖିକ ପ୍ରଶ୍ନ ନଂ-୩ରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଉତର ଦେଇ କହିଥିଲେ, ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଭୁବନେଶ୍ୱର ତହସିଲଦାର ତାଙ୍କ ପତ୍ର ସଂଖ୍ୟା-୯୨୩୪, ତା.୩୧.୦୫.୨୦୨୨ରେ AO-୨୦୦ ଯାଗା ପ୍ଲଟ ନଂ-୯୧, ଖାତା ନଂ -୭୬୧ରେ ବିଡିଓଙ୍କୁ ଯାଗା ବଂଟନ କରିବା ସତ୍ୱେ ଉକ୍ତ ପ୍ଲଟଟି ଜବରଦଖଲ ହୋଇଥିବାରୁ ଗୃହନିର୍ମାଣ ଅଦ୍ୟାବଧି ହୋଇପାରିନାହିଁ। ଏଥିପାଇଁ ଭୁବନେଶ୍ୱର ଡିସିପିଙ୍କୁ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ରସଂଖ୍ୟା-୪୭୫୮, ତା.୨୨.୦୬.୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ତାଙ୍କୁ ଉତର ବିଧାନସଭାରେ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ୨ମାସ ଉପରକୁ ହୋଇଯିବା ସତ୍ୱେ କ'ଣ ପାଇଁ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଯାଗା ହସ୍ତାନ୍ତର ହୋଇପାରୁନାହିଁ ତାହା ତଦନ୍ତ କରି ରାଜ୍ୟ ସରକାର ସିଡିପିଓ, ତହସିଲଦାର ଓ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳାମାନଙ୍କୁ ଅଣ୍ଡା, ଲଡୁ ଏବଂ ଛୋଟପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ହେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ଅଙ୍ଗନବାଡି କେନ୍ଦ୍ର। ସିଡିପିଓ ନିଜର କର୍ତବ୍ୟରେ ହେଳା କରୁଥିବାରୁ ତାକୁ ତୁରନ୍ତ ଚାକିରୀରୁ ନିଲମ୍ବନ କରିବା ପାଇଁ ଦାବୀ ହୋଇଛି।

## ଶେଫାଳି ସଂଗ୍ରହାଳୟ ପରିଦର୍ଶନ କଲେ ଦୁର୍ଗପତି ନାରାୟଣ ଦୋରା ଓ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ

ଖୋର୍ଦ୍ଧା (ପିଏନ୍): ଷଷ୍ଠ ଭାରତ ସ୍ୱତନ୍ତ୍ର ଆରକ୍ଷୀ ବାହିନୀର ଦୁର୍ଗପତି ନାରାୟଣ ଦୋରା ଓ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ପବିତ୍ର ଅଗଷ୍ଟ ପନ୍ଦର ଦିନ ରାଧାବଲ୍ଲଭ ସାହିସ୍ଥିତ ଶେଫାଳିକା ସଂଗ୍ରହାଳୟ ଯାହା ୧୮୯୬ ମସିହାରେ ପ୍ରତିଷ୍ଠା କରାଯାଇଥିଲା ତାକୁ ପରିଦର୍ଶନ କରିଥିଲେ। ପ୍ରଥମରେ ଶ୍ରୀଯୁକ୍ତ ଦୋରା ଓ ଉମାପ୍ରସାଦ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଗାନ୍ଧୀଙ୍କ ଅହିଂସା ନୀତି କିପରି ସମଗ୍ର ଦେଶର ମାର୍ଗଦର୍ଶନ କରିଛି ବୋଲି କହିଥିଲେ। ଶେଫାଳିକାର ପ୍ରାୟ ୭ଟି ପ୍ରକୋଷ୍ଠରେ ୧୦ରୁ ଊର୍ଦ୍ଧ୍ୱ କାଚ ଆଲମିରାରେ ବହୁ ପ୍ରାଚୀନ କୀର୍ତିରାଜି ଶୋଭା ପାଉଥିବାର ଦେଖିଲେ। ଚକ୍ରଧର ଦାସଙ୍କ ପ୍ରତିଷ୍ଠିତ ଏହି ସଂଗ୍ରହାଳୟକୁ ତାଙ୍କ ପୁତ୍ର ରାଧାଗୋବିନ୍ଦ ଦାସ ଏବଂ ତାଙ୍କ ପରେ ତାଙ୍କର ସୁଯୋଗ୍ୟ ସନ୍ତାନ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରାଧାପକ ଗୋପାଳକୃଷ୍ଣ ଦାସ ନିଜର ପ୍ରାଣଠାରୁ ଅଧିକ ଭାବେ ଏହାର ରକ୍ଷଣାବେକ୍ଷଣ କରିଚାଲିଛନ୍ତି। ଏହି ସଂଗ୍ରହାଳୟରେ ଅଦ୍ୟାବଧି ବିଭିନ୍ନ ଦେଶବିଦେଶର ବିରଳ ପଦାର୍ଥ ଶୋଭାପାଉଛି। ଜାତିର ପିତା ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରେ ଯେଉଁ ଅରଟରେ ସୂତା କାଟୁଥିଲେ ସେହି ଅରଟଟି ଏହାର ଶୋଭାବର୍ଦ୍ଧନ କରୁଛି। ପଣ୍ଡିଚେରୀରୁ ସଂଗୃହୀତ ୨କୋଟି ୫୦ ଲକ୍ଷ ବର୍ଷତଳର ଜୀବାଶ୍ମ ମଧ୍ୟ ଏଠାରେ ରହିଛି। ନୂତନ ପ୍ରସ୍ତର ଯୁଗର ଆଦିମାନବଙ୍କ ଦ୍ୱାରା ବ୍ୟବହୃତ ପଥରର ଅସ୍ତ୍ର ଶସ୍ତ୍ର, ସମ୍ରାଟ ଅଶୋକଙ୍କ ଶାସନ କାଳର ଟେରାକୋଟା ଅଳଙ୍କାର ଓ ଖେଳଣା ମଧ୍ୟ ଏଠାରେ ରଖାଯାଇଛି। ଦେଶବିଦେଶରେ ପ୍ରକାଶିତ ୫ ହଜାରରୁ ଊର୍ଦ୍ଧ୍ୱ ଖବରକାଗଜ ଓ ପତ୍ରପତ୍ରିକା ଏଠାରେ ଶୋଭା ପାଉଛି। ଶ୍ରୀ ଦାସ କହନ୍ତି ଏକଦା ଖୋର୍ଦ୍ଧା ଗସ୍ତରେ ଆସିଥିବା ଉତ୍କଳଗୌରବ ମଧୁସୂଦନଙ୍କ ବ୍ୟବହୃତ ଗାଲିଚା, ପୁରୁଣା କାଳର ରେଡିଓ, ଗ୍ରାମୋଫୋନ, କାନ୍ଥଘଂଟା, ବାଇନାକୁଲାର, ରାଜାରାଜୁଡା ସମୟର ବ୍ୟବହୃତ ମଶାଲ, ଗାର୍ଡଲାଇଟ, ବିଭିନ୍ନ ଦେଶ ବିଦେଶର ଜାତୀୟ ପତାକା, କ୍ୟାଲେଣ୍ଡର, ସବାରୀ ପାଲିଙ୍କି ସିନ୍ଦୁକ ଇତ୍ୟାଦି ଏହାର ଶୋଭାବର୍ଦ୍ଧନ କରୁଥିବା ସହ ଏହା "ଟ୍ରେଜର ହାଉସ"ର ମାନ୍ୟତା ପାଇଛି। ଦୁର୍ଗପତି ଶ୍ରୀ ଦୋରା ଏସବୁ ବିରଳ ପଦାର୍ଥମାନ ଦେଖି ଆନନ୍ଦରେ ବିଭୋର ହେବାସହ ଶ୍ରୀ ଦାସଙ୍କ ସଂଗ୍ରହ କଳାର ଭୂୟସୀ ପ୍ରଶଂସା କରିଥିଲେ। ଯଦି ସରକାର ଏହି ସଂଗ୍ରହାଳୟକୁ ଅନୁଦାନ ପ୍ରଦାନ କରନ୍ତେ ଏହା ଦିନେ ସମଗ୍ର ଭାରତରେ ଏକ ଉତ୍କୃଷ୍ଟ ସଂଗ୍ରହାଳୟର ମାନ୍ୟତା ହାସଲ କରନ୍ତା ବୋଲି ଶ୍ରୀ ଦୋରା ଓ ପ୍ରସାଦ ମତବ୍ୟକ୍ତ କରିଥିଲେ।

## ଧର୍ମଶାଳା ମହିଳା କଲେଜ୍‌ରେ ଯୁକ୍ତଦୁଇ କଳାରେ ୯୭ ପ୍ରତିଶତ ଛାତ୍ରଛାତ୍ରୀ ପାସ୍

ଧର୍ମଶାଳା (ପିଏନ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ +୨ କଳା ପରୀକ୍ଷା ଫଳରେ ଧର୍ମଶାଳା ମହିଳା ମହାବିଦ୍ୟାଳୟରେ ୯୭.୫୪ ପ୍ରତିଶତ ଓ ଜେନାପୁର କଲେଜରେ ୮୬.୫୯ ପ୍ରତିଶତ ଛାତ୍ରଛାତ୍ରୀ ପାସ କରିଥିବା ଜଣାଯାଇଛି । ଧର୍ମଶାଳା ମହିଳା ମହାବିଦ୍ୟାଳୟରେ ଚଳିତ ଥର +୨ କଳାରେ ୧୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧୯ଜଣ ପାସ କରିଛନ୍ତି । ଏହି ମହାବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୨୫, ଦ୍ୱିତୀୟ ଶ୍ରେଣୀରେ ୪୫ ଓ ତୃତୀୟ ଶ୍ରେଣୀରେ ୪୯ ଜଣ ଛାତ୍ରୀ ପାସ କରିଛନ୍ତି। ସେହିପରି ଜେନାପୁର କଲେଜରେ +୨ କଳାରେ ୨୬୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୨୬ ଜଣ ପାସ କରିଛନ୍ତି । ଏହି କଲେଜରେ ପ୍ରଥମ ଶ୍ରେଣୀରେ ୬୪, ଦ୍ୱିତୀୟ ଶ୍ରେଣୀରେ ୫୫ ଓ ତୃତୀୟ ଶ୍ରେଣୀରେ ୧୦୭ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି ବୋଲି କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି ।

# ବସ୍ତା ବ୍ଲକ୍ ବାହାର୍ଦ୍ଧାଠାରେ ଅତ୍ୟାଧୁନିକ ହୋଲସେଲ ମାଛ ମାର୍କେଟ ସ୍ଥାପନ ନେଇ ବୈଠକ



ବାଲେଶ୍ୱର (ପିଏନ୍)- ଜିଲ୍ଲାର ବସ୍ତା ବ୍ଲକ୍ ବାହାର୍ଦ୍ଧାଠାରେ ଅତ୍ୟାଧୁନିକ ପାଇକାରୀ(ହୋଲସେଲ) ସ୍ୱାସ୍ଥ୍ୟକର ମାଛ ମାର୍କେଟ ସ୍ଥାପନ ନେଇ ଏକ ପରାମର୍ଶଭିତିକ ବୈଠକ ଆଜି ଅପରାହ୍ନରେ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ଆନୁଷଙ୍ଗିକ ବ୍ୟବସାୟ ସହିତ ଜଡିତ ବିଭିନ୍ନ ବର୍ଗର ବ୍ୟକ୍ତି ଓ ବ୍ୟବସାୟୀଙ୍କ ସହ ପାଇକାରୀ ମାଛ ମାର୍କେଟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଯେ ହେତୁ ସେମାନେ ଏହି ପାଇକାରୀ ବା ହୋଲସେଲ ମାଛ ମାର୍କେଟର ସବୁଠାରୁ ବଡ ଭାଗିଦାର ସେମାନଙ୍କ ମତ ଓ ପରାମର୍ଶକୁ ଏହି ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରସ୍ତାବିତ ମାର୍କେଟର ଡିଜାଇନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଆବଶ୍ୟକୀୟ ପରିବର୍ତନ ଆଣିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଉପକୂଳବର୍ତୀ ଜିଲ୍ଲା ତଥା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘାରୁ ଆସିଥିବା ମତ୍ସ୍ୟ ବ୍ୟବସାୟୀମାନେ ଉପସ୍ଥିତ ରହି ଦୀଘା ଓ ପାରାଦୀପରେ ଥିବା ହୋଲସେଲ ମାଛ ମାର୍କେଟରେ ରହିଥିବା ବିଭିନ୍ନ ସୁବିଧା, ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସେହି ଆଧାରରେ ଏହି ପ୍ରସ୍ତାବିତ ମାଛ ମାର୍କେଟକୁ କିଭଳି ବିକଶିତ କରାଯାଇପାରିବ ସେ ସମ୍ପର୍କରେ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ । ମାଛ ମାର୍କେଟର ଡିଜାଇନକୁ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଅଧିକାରୀ ଓ ବ୍ୟବସାୟୀମାନଙ୍କୁ ପ୍ରଦର୍ଶିତ କରାଯିବା ସହିତ ଏଥିରେ କଣ ସବୁ ସୁବିଧା ଉପଲବଧ ରହିବ ସେ ନେଇ ସମସ୍ତଙ୍କୁ ଅବଗତ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଏହି ମାଛ ମାର୍କେଟ୍ ସ୍ଥାପନ ଦ୍ୱାରା ଜିଲ୍ଲାର ମତ୍ସ୍ୟଜୀବୀମାନେ ଯଥେଷ୍ଟ ଉପକୃତ ହେବା ସହ ଲାଭବାନ ହୋଇପାରିବେ ଏବଂ ରପ୍ତାନୀ କ୍ଷେତ୍ରରେ ଆମେ ଆହୁରି ଆଗକୁ ଯାଇପାରିବା ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ ମତବ୍ୟକ୍ତ କରିଥିଲେ । ସମଗ୍ର ଓଡିଶା ଏହାର ସୁଫଳ ପାଇପାରିବ ବୋଲି ସେ କହିଥିଲେ । ପ୍ରାୟ ୨୦ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ହୋଲସେଲ ମାଛ ମାର୍କେଟରେ ନିଲାମ ଡାକିବା ପାଇଁ ଯଥେଷ୍ଟ ଖୋଲା ସ୍ଥାନ, ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା, ସମନ୍ୱିତ ବରଫ କଳ ସ୍ଥାପନ, ମାଛ ସଂରକ୍ଷଣ ପାଇଁ ଉପଯୁକ୍ତ ଷ୍ଟୋରେଜ୍ ବ୍ୟବସ୍ଥା, ବାୟୁ ଚଳାଚଳ ବ୍ୟବସ୍ଥା, ବ୍ୟାଙ୍କ ଏବଂ ଏଟିଏମ ସୁବିଧା, ପ୍ରୋସେସିଂ ୟୁନିଟ୍, ଜାତୀୟ ରାଜପଥ ସହ ମାର୍କେଟକୁ ଯୋଡିବା ପାଇଁ ଆପ୍ରୋଚ ରୋଡର ବ୍ୟବସ୍ଥା, ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀଙ୍କୁ ସୁହାଇଲା ଭଳି ନୀତି ପ୍ରଣୟନ ସହ ଅନ୍ୟାନ୍ୟ ପଦକ୍ଷେପ ନେବାକୁ ବୈଠକରେ ବ୍ୟବସାୟୀମାନେ ମତ ରଖିଥିଲେ । ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଦେବାନନ୍ଦ ଭଞ୍ଜ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଉପନିର୍ଦ୍ଦେଶକ(ସାମୁଦ୍ରିକ) ଶ୍ରୀ ବସନ୍ତ କୁମାର ଦାସ, ବାଲେଶ୍ୱର ଜୋନ ମତ୍ସ୍ୟ ଉପନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ମତ୍ସ୍ୟ ବିଭାଗର ଅଧିକାରୀଗଣ ଏବଂ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଭାଗରୁ ଆସିଥିବା ମତ୍ସ୍ୟ ବ୍ୟବସାୟୀମାନେ ବାହାର୍ଦ୍ଧା ଯାଇ ପ୍ରସ୍ତାବିତ ମାଛ ମାର୍କେଟ ସ୍ଥାନକୁ ବୁଲି ଦେଖିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ମହାନ ମାର୍କସବାଦୀ ଚିନ୍ତାନାୟକ କମ୍ରେଡ଼ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସଭା

ଯାଜପୁର (ପିଏନ୍): ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ଯାଜପୁର ଟାଉନ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏ ଯୁଗର ମହାନ ମାର୍କସବାଦୀ ଚିନ୍ତାନାୟକ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରାଣପ୍ରତିଷ୍ଠାତା ତଥା ସର୍ବହରାର ମହାନ ନେତା କମ୍ରେଡ଼ ଶିବଦାସ ଘୋଷଙ୍କ ଜନ୍ମଶତବାର୍ଷିକୀ ମର୍ଯ୍ୟାଦାର ସହ ପାଳନ କରାଯାଇଛି। ଏହି ଉପଲକ୍ଷେ ପାର୍ଟିର ଯାଜପୁର ଜିଲ୍ଲା ସଂପାଦକ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ମହାନ ନେତା କମ୍ରେଡ଼ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ସଭାର ମୁଖ୍ୟବକ୍ତା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ ମହାନ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପାର୍ଟିର ରାଜ୍ୟ ଅଫିସ ସମ୍ପାଦକ କମ୍ରେଡ ସ୍ୱୟଂପ୍ରଭା ନାୟକ, ଏଆଇକେକେଏମ୍‌ଏସ୍ ଜିଲ୍ଲା ସଂପାଦକ କମ୍ରେଡ ଅଚ୍ୟୁତ ପ୍ରଧାନ, ଏଆଇୟୁଟିୟୁସି ଜିଲ୍ଲା ଇନ୍‌ଚାର୍ଜ କମ୍ରେଡ ସୁରେଶ ପ୍ରଧାନ, ଏଆଇଏମ୍‌ଏସ୍‌ଏସ୍ ଜିଲ୍ଲା ସଂପାଦିକା କମ୍ରେଡ ତରଙ୍ଗିନୀ ଦାସ, ଏଆଇଡିୱାଇ ଓ ଜିଲ୍ଲା ସଂପାଦକ କମ୍ରେଡ ସୁବାସ ମଲ୍ଲିକ, ଏଆଇଡିଏସ୍‌ଓ ଜିଲ୍ଲା ସଂପାଦିକା କମ୍ରେଡ ସଂଯୁକ୍ତା ସାହୁ, ଡିଟିଓ ଜିଲ୍ଲା ସଂପାଦକ କମ୍ରେଡ ଲକ୍ଷ୍ମୀଧର ମଲ୍ଲ, କମ୍‌ଶୋମଲ ସଂଗଠନ ପକ୍ଷରୁ କମ୍ରେଡ ଶରତ ବାରିକ ଏବଂ ସଭାର ସଭାପତି ମହାନ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲାପରେ ତାଙ୍କ ଉପରେ ରଚିତ ସଂଗୀତ ଗାନ କରାଯାଇଥିଲା। ଏହି ସଭାରେ ମୁଖ୍ୟବକ୍ତା କମ୍ରେଡ ଶଙ୍କର ଦାଶଗୁପ୍ତ ଦଳର ସମସ୍ତ ନେତା, କର୍ମୀ ଓ ସମର୍ଥକବୃନ୍ଦ ସର୍ବହରାର ମହାନ ନେତା, ଆମର ପଥ ପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କର ଚିନ୍ତା-ଶିକ୍ଷାକୁ ନିଜ ଜୀବନରେ ଆୟତ୍ତ କରିବା ସଙ୍ଗେ ସଙ୍ଗେ ବର୍ତମାନ ସଂକଟ ଜର୍ଜରିତ ଜନଗଣ ପୁଞ୍ଜିବାଦୀ ଶୋଷଣରୁ ମୁକ୍ତିପାଇବା ପାଇଁ ସଚେତନ, ସଂଗଠିତ ଏବଂ ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ସର୍ବଶେଷରେ ଆନ୍ତର୍ଜାତିକ ସଂଗୀତ ଗାନ ମଧ୍ୟଦେଇ ସଭା କାର୍ଯ୍ୟ ଶେଷ ହୋଇଥିଲା।

# ଆଜାଦିକା ଅମୃତ ମହୋତ୍ସବ ଅବସରରେ ୭୫ଟି ବୃକ୍ଷରୋପଣ



କୋଣାର୍କ (ପିଏନ୍)-୨୦୨୧ ଅଗଷ୍ଟ ୧୫ରୁ ୨୦୨୨ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଦେଶବାସୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିଛନ୍ତି । ଚଳିତ ବର୍ଷ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟତା ପ୍ରୀତି ସୃଷ୍ଟି ପାଇଁ ହର ଘର ତ୍ରିରଙ୍ଗାର ଆହ୍ୱାନ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱାଧିନତା ସପ୍ତାହ ରୂପେ ପାଳନ କରାଯାଇଛି । ଏହି ୭ଦିନ ପ୍ରତ୍ୟେକ ଦେଶବାସୀ ନିଜ ନିଜ ଘର ଓ ସରକାରୀ ତଥା ବେସରକାରୀ ସଂସ୍ଥାର କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ତ୍ରିରଙ୍ଗାକୁ ଉଡାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଥିପାଇଁ ଜାତୀୟ ପତାକା ଆଇନକୁ କୋହଳ କରାଯାଇଥିଲା। ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଅଗଷ୍ଟ ୧୧



ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଜାତୀୟ ପତାକା ଉତୋଳନ କରିବା ସହିତ ୧୭ତାରିଖ ସନ୍ଧ୍ୟାରେ ଅବତରଣ କରିବେ । ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନକୁ ବ୍ୟାପକ କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଅଗଷ୍ଟ ୯ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପୀ ବିଭିନ୍ନ ପ୍ରକାରର ଜାତୀୟ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୯ ଓ ୧୦ ତାରିଖରେ କୋଣାର୍କ ଏନଏସିର ୧୩ ୱାର୍ଡରେ ସଫେଇ, ୧୧ ତାରିଖରେ ୭୫ଟି ବୃକ୍ଷରେ ରାକ୍ଷୀ ବନ୍ଧନ, ୧୨ ତାରିଖରେ ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ୭୫ଟି ଦୀପଦାନ, ୧୩ ତାରିଖରେ ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ୱେ କୋଣାର୍କସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ କୋଣାର୍କ ବନ୍ୟପ୍ରାଣୀ ବନାଂଚଳ ସହାୟତାରେ ୭୫ଟି ବୃକ୍ଷରୋପଣ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ପତାକା ପ୍ରଦର୍ଶନୀ କରାଯାଇଥିଲା । ଏହି କାର୍ଯ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ କର, କୋଣାର୍କ ବନ୍ୟପ୍ରାଣୀ ବନାଂଚଳ ଅଧିକାରୀ ବେଣୁଧର ବେହେରା, ବୃକ୍ଷପ୍ରେମୀ ଲିଙ୍ଗରାଜ ନାୟକ, ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ସମେତ ନବୋଦୟ ବିଦ୍ୟାଳୟ ଓ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଲଗାଣ ବର୍ଷା ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ପରବର୍ତୀ ଦିନମାନଙ୍କରେ ଜାତୀୟ ସଂହତି, ଅଖଣ୍ଡ ଭାରତ ଏବଂ ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ୭୫ଟି



ଦୀପ ଦାନ, ୭୫ଜଣ କୃଷକଙ୍କୁ ନେଇ ପଦଯାତ୍ରା, କୁଶଭଦ୍ରା ନଦୀର ସଙ୍ଗମ ସ୍ଥଳରେ ୭୫ଟି ବୋଟରେ ଜାତୀୟ ପତାକା ପ୍ରଦର୍ଶନୀ, ୭୫ଟି ସ୍ଥାନରେ ସଫେଇ ଏବଂ ହର ଘର ସଫେଇ, ସ୍ୱାଧିନତା ସଂଗ୍ରାମୀଙ୍କ ବେଶରେ ୭୫ଜଣ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା, ୭୫ ଜଣଙ୍କୁ ନେଇ ଯୋଗ ପ୍ରଦର୍ଶନୀ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ, ମହିଳା ସଂକୀର୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତନ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋଣାର୍କ ସେବାକେନ୍ଦ୍ର ପକ୍ଷରୁ ଆଧାତ୍ମିକ ଧ୍ୟାନ, ଟାଇକୋଣ୍ଡ, ସଂଗୀତ, ଚିତ୍ରାଙ୍କନ ଓ ଝୋଟି ଚିତା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସରକାରଙ୍କ କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ସଂଚାଳନ କରାଯାଇଥିଲା।




# ଧାମରାରେ ନଳକୂପ ପାଇପ ଚୋର ସକ୍ରୀୟ, ପୁରୁଣା ନଳକୂପରୁ ପାଇପ ଉଠାଇ କର୍ମଚାରୀ ମାଲେମାଲ

ଭଦ୍ରକ,(ପି.ଏନ): ଭଦ୍ରକ ଜିଲା ଧାମରା ଅଂଚଳରେ ପାଇପ ଚୋର ସକ୍ରୀୟ ଆଉ ଖୋଦ ପଂଚାୟତ ସମିତ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ କର୍ମଚାରୀ ଏଥିରେ ଲିପ୍ତ ଥିବା ବେଳେ ତାଙ୍କୁ ସହ ଯୋଗ କରିବାରେ ଅଂଟା ଭିଡିଛନ୍ତି ପଂଚାୟତ ଦ୍ୱାରା ଅସ୍ଥାୟୀ ନିଯୁକ୍ତି ପାଇଥିବା କିଛି କର୍ମଚାରୀ । ଖୋଦ ବିଭାଗୀୟ କର୍ମଚାରୀ ହୋଇଥିବାରୁ ସାଧାରଣ ଲୋକଙ୍କୁ ଭୂୟାଁ ବୁଲାଇ ଲଗାତର ବିଭିନ୍ନ ଅଂଚଳରୁ ପୁରୁଣା ନଳକୂପ ରୁ ପାଇପ ଉଠାଇ ଏହାର ବିଭିନ୍ନ ସରଞ୍ଜାମକୁ କବାଡିଆ ଦୋକାନରେ ବେଆଇନ ଭାବେ ବିକ୍ରୀ କରି ବେଶ ଲାଭବାନ ହେଉଥିବା ଏହି କର୍ମଚାରୀ ନିଜ ଉପରୁ ଦୋଷ ଓହ୍ଲାଇବା ପାଇଁ କେତେବେଳେ ପଂଚାୟତ କର୍ମଚାରୀ ତ କେତେବେଳେ ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ପାଇପ୍ ଉଠାଯାଉଛି ବୋଲି ଲୋକଙ୍କୁ କହି ବୁଲୁଛନ୍ତି । ଗ୍ରାମାଂଚଳରେ ବିଶୁଦ୍ଧ ଜଳ ଯୋଗାଣ ପାଇଁ ଜଳ ଓ ପରିମଳ ବିଭାଗ ଚାନ୍ଦବାଲି ପକ୍ଷରୁ ବ୍ଲକରେ ବିଭିନ୍ନ ପଂଚାୟତରେ ଆରଡବ୍ଲୁଏସଏସ ପକ୍ଷରୁ ବସାଯାଇଥିବା ନଳକୂପର ରକ୍ଷଣାବେକ୍ଷଣା ପାଇଁ ପ୍ରତି ପଂଚାୟତ ପକ୍ଷରୁ ଜଣେ ଜଣେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ଲବଣାକ୍ତ ଅଂଚଳ ଭାବେ ପରେଚିତ ଚାନ୍ଦବାଲି ବ୍ଲକର ପ୍ରତି ୨୨ ପରିବାରକୁ ଗୋଟିଏ ନଳକୂପ ଯୋଗାଇ ଦିଆଯାଉଥିବା ବେଳେ ଅଧିକାଂଶ ନଳକୂପ ସ୍ଥାପନ ହେବାର ମାସ କେତେଟା ପରେ ଏହା ଅଚଳ ହୋଇଯିବାର ନଜର ଆସୁଛି । ସମୁଦ୍ର, ନଦୀନାଳ ଘେରା ଚାନ୍ଦବାଲି ବ୍ଲକର ବିଶୁଦ୍ଧ ପାଣି ଟୋପେ ପାଇଁ ଲୋକେ ଡହଳ ବିକଳ ହେଉଥିବା ବେଳେ ଅଧିକାଂଶ ଗ୍ରାମରେ ନଳକୂପ ପାଣି ପାଇଁ ଲୋକଙ୍କୁ ୧କିମି ଦୂର ଅନ୍ୟ ଗ୍ରାମର ଥିବା ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ।ତେବେ ପୁରୁଣା ନଳକୂପ ମରାମତି କରିବା ବଦଳରେ କିଛି ଅସାଧୁ ବିଭାଗୀୟ କର୍ମଚାରୀ ଏହି ନଳକୂପ ମାନଙ୍କରୁ ବିଭିନ୍ନ ସାମଗ୍ରୀ ସହିତ ବ୍ୟବହୃତ ପାଇପ ଉଠାଇ ଚୋରାରେ ବିକ୍ରୀ କରି ନିଜ ନିଜ ପକେଟ ଗରମ କରୁଥିବା ଦେଖିବାକୁ ମିଳିଛୁ । ଧାମରା ପଂଚାୟତରେ ଥିବା ବିଭାଗୀୟ କର୍ମଚାରୀ ବିଭିନ୍ନ ପଂଚାୟତରେ ଅଚଳ ହୋଇ ପଡିଥିବା ନଳକୂପରୁ ପାଇପ ସହିତ ଆନୁସଙ୍ଗିକ ସାମଗ୍ରୀ କବାଡିଆ ଦୋକାନକୁ ବିକ୍ରୀ କରିବା ନଜରକୁ ଆସୁଛି । ତେବେ ଗତକାଲି ଧାମରା ବଜାର ମଧ୍ୟରେ ଥିବା ଏକ ଅଚଳ ନଳକୂପରୁ ବିଭିନ୍ନ ସାମଗ୍ରୀ କବାଡିଆ ଦୋକାନରେ ବିକ୍ରୀ କରିବା ସହିତ ପାଇପ ଉଠାଇବା ସମୟରେ କିଛି ଲୋକ ଏହାକୁ ବିରୋଧ କରିବାରୁ ଏହା ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ କରାଯାଉଛି ବୋଲି ସମ୍ପୃକ୍ତ କର୍ମଚାରୀ ଏହାକୁ ସଫେଇ ଦେଇଛନ୍ତି । ତେବେ ଏ ନେଇ ଆରଡବ୍ଲୁଏସଏସ ଯନ୍ତ୍ରୀ ଙ୍କ ମତାମତ ନେବାରୁ ଏପରି ନିର୍ଦ୍ଦେଶ ସଂପୃକ୍ତ କର୍ମଚାରୀଙ୍କୁ ଦିଆଯାଇ ନାହିଁ ଯଦି ଏହା ସତ ହୋଇଥାଏ ତେବେ ନିଶ୍ଚିତ ତାଙ୍କ ଉପରେ ଦୃଢ କାର୍ଯ୍ୟାଉନୁଷ୍ଠାନ ନିଆଯିବ ବୋଲି ସୁଚନା ଦେଇଛନ୍ତି ।

# ଅଗଷ୍ଟ ୨୦ ରୁ ଜିଲ୍ଲାରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆରମ୍ଭ

ଭଦ୍ରକ, (ପି.ଏନ): ସରକାରୀ ନିର୍ଦ୍ଦେଶମତେ ଜିଲ୍ଲାର ୭ଟି ଯାକ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ସରିଛି । କୋଭିଡ୍ ନିୟମ ଅନୁପାଳନ ଆଧାରରେ ଏହି ଶିବିର ଆୟୋଜନ ନେଇ ସମସ୍ତ ବି.ଡ଼ି.ଓ.ମାନଙ୍କୁ ସୂଚନା ପ୍ରଦାନ କରାଯାଇଛି । ଅଗଷ୍ଟ ମାସର ୨୦ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ଭଣ୍ଡାରିପୋଖରୀ ଜୁନିୟର କଲେଜରେ, ୨୩ରେ ଭଦ୍ରକ ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଭଦ୍ରକରେ, ୨୪ରେ ଚାନ୍ଦବାଲି ବ୍ଲକ ଓ ଏନ୍.ଏ.ସି. ପାଇଁ ମତୋ ସରକାରୀ ଉଚ୍ଚ ବିଦ୍ୟାଳୟରେ, ୨୫ରେ ବନ୍ତ ବ୍ଲକ ପାଇଁ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିଜାଙ୍ଗ, ୨୬ରେ ଧାମନଗର ବ୍ଲକ ଓ ଏନ୍.ଏ.ସି. ପାଇଁ ଶହିଦନଗର ହାଇସ୍କୁଲ କଟ୍ସାହି , ୩୦ରେ ତିହିଡ଼ି ବ୍ଲକ୍ ପାଇଁ ତିହିଡ଼ି କଲେଜ୍, ସେପ୍ଟେମ୍ବର ମାସର ୨ ତାରିଖରେ ଭଦ୍ରକ ବ୍ଲକ୍ ପାଇଁ ୟୁ.ଏନ୍.ହାଇସ୍କୁଲ, ଜଳଙ୍ଗା, ଗେଲଟୁଆ, ୩ରେ ବାସୁଦେବପୁର ବ୍ଲକ୍ ପାଇଁ ଏ.ବି.କଲେଜ ବାସୁଦେବପୁର, ୭ରେ ବାସୁଦେବପୁର ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଏହି ଶିବିର ଆୟୋଜିତ ହେବ । ଏହି ଶିବିରକୁ ଆସିବାକୁ ଥିବା ଦିବ୍ୟାଙ୍ଗମାନଙ୍କ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ବିଶେଷଜ୍ଞ ଡ଼ାକ୍ତରମାନଙ୍କୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରମାଣପତ୍ର ପାଇ ନଥିବା ଦିବ୍ୟାଙ୍ଗମାନେ ଏହି ଶିବିରକୁ ଆସି ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ପ୍ରମାଣପତ୍ର ପାଇବାକୁ ନାମ ତାଲିକା ଭୁକ୍ତ କରାଇ ସୁଯୋଗ ନେଇପାରିବେ । ଏଥିପାଇଁ ଉଦ୍ଦିଷ୍ଟ ୟୁଡ଼ିଆଇଡ଼ି ପୋର୍ଟାଲରେ ପୂର୍ବରୁ ପଞ୍ଜିକରଣ କରିଥିବା ନବୀକରଣ ହୋଇନଥିବା ଦିବ୍ୟାଙ୍ଗମାନେ ମଧ୍ୟ ଏହି ଶିବିରକୁ ଆସି ନବୀକରଣ କରାଇ ନେବାର ସୁବିଧା ପାଇପାରିବେ । ଉଲ୍ଲେଖଯୋଗ୍ୟକି ବିଶେଷ କରି ଶୂନ ରୁ ୬ବର୍ଷ ପର୍ଯ୍ୟନ୍ତ ପୂର୍ବରୁ ସର୍ଭେ ଅନୁଯାୟୀ ଚିହ୍ନିତ ଶିଶୁମାନଙ୍କୁ ଏହି ଶିବିରରେ ପରୀକ୍ଷା କରାଯାଇ ପ୍ରମାଣପତ୍ର ସହ ଶୀଘ୍ର ଚିହ୍ନଟ ଓ ପ୍ରତିକାରାତ୍ମକ ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଅନୁଭାଗ ଦ୍ୱାରା ଏହି ଶିବିର ଆୟୋଜନ ନେଇ ପ୍ରସ୍ତୁତି କରାଯାଇଛି ।

## ରାଜ୍ୟରେ ଆଗାମୀ ୩ ଦିନ ବନ୍ୟା ସ୍ଥିତି ରହିବାର ସମ୍ଭାବନା : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଆଗାମୀ ତିନି ଦିନ ଯାଏ ବନ୍ୟା ସ୍ଥିତି ରହିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର । ବର୍ତମାନ ହୀରାକୁଦ ଗେଟ୍ ଆଉ ଖୋଲିବା କି ବନ୍ଦ ନେଇ ନିଷ୍ପତି ହୋଇନି । ସ୍ଥିତି ଦେଖିଲା ପରେ ଗେଟ୍ ବନ୍ଦ କି ଖୋଲାହେବ ସେ ସମ୍ପର୍କରେ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ଆଗାମୀ ୨୪ ଘଂଟା ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ । ମୁଣ୍ଡୁଳିରେ ଜଳସ୍ତର କମିଥିବାବେଳେ ହୀରାକୁଦରୁ ଛଡାଯାଇଥିବା ପାଣି ଖଇରମାଳରେ ପହଂଚିଛି । ଆସନ୍ତାକାଲି ସକାଳେ ଏହା ମୁଣ୍ଡୁଳିରେ ପହଁଚିବ । ହୀରାକୁଦ ଡ୍ୟାମରୁ ଛଡା ଯାଇଥିବା ବନ୍ୟାଜଳ ମୁଣ୍ଡୁଳି ଅତିକ୍ରମ କଲାବେଳକୁ ୧୦ ଲକ୍ଷ କ୍ୟୁସେକ ହେବ । ଗତକାଲି ମୁଣ୍ଡୁଳିରେ ୧୨ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ଆଜି ସକାଳ ୯ଟା ବେଳକୁ ୧୧ ଲକ୍ଷ ୭୭ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି । ସେହିପରି ଖଇରମାଳରେ ୯ ଲକ୍ଷ ୮୪ ହଜାର କ୍ୟୁସେକ, ବରମୂଳରେ ୮ ଲକ୍ଷ ୭୮ ହଜାର ୨୫୦ କ୍ୟୁସେକ ପାଣି ପ୍ରବାହିତ ହେଉଛି । ଆସନ୍ତାକାଲି ୧୦ ଲକ୍ଷରୁ କମ ପାଣି ପ୍ରବାହିତ ବୋଲି ସେ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ବର୍ତମାନ ହୀରାକୁଦରେ ୬ ଲକ୍ଷ ୨୪ ହଜାର ୨୫୪ କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ୬ ଲକ୍ଷ ୮୧ ହଜାର ୪୩୧ କ୍ୟୁସେକ ପାଣି ୪୦ଟି ଗେଟ ଦେଇ ବାହାରୁଛି ।

# ବନ୍ୟା ପ୍ରଭାବିତ ଅଂଚଳରେ ବିକଳ୍ପ ଚାଷର କଂଟିଜେନ୍ସି ପ୍ଲାନ୍ ଅଗଷ୍ଟ ୨୨ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଖରିଫ ଫସଲର ପରିଚାଳନା ଏବଂ ଆବଶ୍ୟକ ସ୍ଥଳେ ବିକଳ୍ପ ଫସଲ ଚାଷ ନିମନ୍ତେ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ଏ ଦିଗରେ ପୂର୍ବପ୍ରସ୍ତୁତି ସହିତ ବନ୍ୟା ପ୍ରଭାବିତ ଅଂଚଳରେ ଚଳିତ ଖରିଫରେ ବିକଳ୍ପ ଚାଷର କଂଟିଜେନ୍ସି ପ୍ଲାନ୍ ଅଗଷ୍ଟ ୨୨ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ପ୍ରସ୍ତୁତ ହୋଇଥିବା ବିପର୍ଯ୍ୟୟ ପରିଚାଳନାର ମାର୍ଗଦର୍ଶିକାକୁ ଅନୁପାଳନ ସମେତ ବନ୍ୟା ପରିସ୍ଥିତିରେ ଚାଷୀମାନେ କଅଣ କରିବେ ଓ କଅଣ କରିବେ ନାହିଁ, ସେ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନଙ୍କୁ ଫସଲର ସୁରକ୍ଷା ନିମନ୍ତେ ଧାନଜମିରୁ ଉଦ୍‌ବୃତ ଜଳକୁ ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଏଥି ସହିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୃଷକମାନଙ୍କ ନିମନ୍ତେ ଜାରି କରାଯାଇଥିବା ଫସଲ ପରିଚାଳନା ପରାମର୍ଶଗୁଡ଼ିକୁ ଚାଷୀମାନଙ୍କୁ ତୁରନ୍ତ ଅବଗତ କରାଇବା ପାଇଁ କ୍ଷେତ୍ର କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ଆଡ୍‌ଭାଇଜରୀରେ ଧାନ ସହିତ ମକା, ଡାଲିଜାତୀୟ ଫସଲ, ଚିନାବାଦାମ ଓ କପା ଫସଲର ସୁରକ୍ଷା ଦିଗରେ ଚାଷୀମାନଙ୍କୁ ବିସ୍ତୃତ ଭାବରେ ପରାମର୍ଶ ଦିଆଯାଉଛି । ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା 'ଆମ କୃଷି' ହେଲପଲାଇନ୍ ଟୋଲଫ୍ରି ନମ୍ବର-୧୫୫୩୩୩ରେ ଫୋନ କରି ଚାଷୀମାନଙ୍କୁ କୃଷି ବିଶେଷଜ୍ଞମାନଙ୍କଠାରୁ ଏ ଦିଗରେ ଆବଶ୍ୟକ ପରାମର୍ଶ ନେବା ପାଇଁ କୁହାଯାଇଛି । ବନ୍ୟା ପରିସ୍ଥିତିରେ ଧାନ ଫସଲରେ ରୋଗପୋକ ନିୟନ୍ତ୍ରଣ ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଜିଲ୍ଲାରେ କଂଟ୍ରୋଲ ରୁମ୍ ଖୋଲାଯାଇ ନିୟମିତ ଭାବରେ ବନ୍ୟାର ପରିସ୍ଥିତି ଓ ଫସଲର ସ୍ଥିତି ସଂପର୍କରେ ନିର୍ଦ୍ଦେଶାଳୟକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୃଷି ଅଧିକାରୀମାନେ ଫସଲର ସ୍ଥିତି ସଂପର୍କରେ ପ୍ରତିଦିନ ରିପୋର୍ଟ ପ୍ରଦାନ କରିବେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷି ଭବନଠାରେ ଏକ ୨୪ ଘଂଟିଆ କଂଟ୍ରୋଲ ରୁମ୍ (ଫୋନ୍ ନମ୍ବର ୦୬୭୪-୨୩୯୩୨୪୨) କାର୍ଯ୍ୟକ୍ଷମ କରାଯାଇଛି ଏବଂ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ନୋଡାଲ ଅଧିକାରୀଙ୍କୁ ନିୟମିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଏବଂ କ୍ଷେତ୍ର କୃଷି ଅଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିରେ ଫସଲ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଯୁଗ୍ମ ସର୍ଭେକ୍ଷଣ ପରେ ଫସଲ କ୍ଷୟକ୍ଷତିର ରିପୋର୍ଟ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ : ଅନ୍ନପୂର୍ଣ୍ଣା ବେହେରା ଶ୍ରେଷ୍ଠ ଗ୍ରାଜୁଏଟ୍

କେନ୍ଦୁଝର, (ପି.ଏନ): ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ବୁଧବାର ଦିନ ପ୍ରକାଶ ପାଇଛି । ଯୁକ୍ତ ୩ ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଶତକଡା ୯୩.୭୧ ପ୍ରତିଶତ ଫଳାଫଳ ହୋଇଥିବା ବେଳେ କଳାରେ ୯୫.୮୮, ବିଜ୍ଞାନରେ ୯୪.୭୩, ବାଣିଜ୍ୟରେ ୮୮.୨୩ ପ୍ରତିଶତ ରେଜଲ୍ଟ ହୋଇଛି । ଚଳିତବର୍ଷ ଯୁକ୍ତ ୩ ଭୂତତ୍ୱ ବିଜ୍ଞାନ ସମ୍ମାନ ଛାତ୍ରୀ ଅନ୍ନପୂର୍ଣ୍ଣା ବେହେରା ମୋଟ ୨୬୦୦ ନମ୍ବରରୁ ୨୩୬୬ ନମ୍ବର ରଖି ବିଜ୍ଞାନରେ ଟପର ହେବା ସହ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି । ସେହିଭଳି କଳାରେ ଲତିକା ମହାନ୍ତ ୨୬୦୦ ନମ୍ବରରୁ ୨୨୦୬ ନମ୍ବର ରଖି ଯୁକ୍ତ ୩ କଳାରେ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ଲକ୍ଷ୍ମୀ ଯାଦବ ୨୬୦୦ରୁ ୨୦୯୪ ନମ୍ବର ରଖି ଟପ୍ପର ହୋଇଛନ୍ତି । ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ସାହୁଙ୍କଠାରୁ ପ୍ରକାଶ ଯେ, +୩ କଳାରେ ୨୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୬ ଜଣ, ବିଜ୍ଞାନରେ ୨୨୩ ଜଣଙ୍କ ମଧ୍ୟରୁ ୨୧୬ ଜଣ, ବାଣିଜ୍ୟ ଶ୍ରେଣୀରେ ୧୪୯ଜଣଙ୍କ ମଧ୍ୟରୁ ୧୩୫ ଜଣ ପାସ୍ କରିଛନ୍ତି । ଅନୁରୁପ ଭାବେ ସେଲଫ୍ ଫାଇନାନ୍ସ ବିବିଏ ଅନର୍ସରେ ୪ ଜଣରୁ ୪ ଜଣ ପାସ୍ କରି ଶତ ପ୍ରତିଶତ ଫଳାଫଳ ହୋଇଥିବା ଜଣାପଡିଛି । ମହାବିଦ୍ୟାଳୟର +୩ ପରୀକ୍ଷାରେ ୬୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୧୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ନୃତତ୍ୱ ଅନର୍ସରେ ସୁବାଷ ଚନ୍ଦ୍ର ସାହୁ ୧୪୦୦ରୁ ୧୨୧୨ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଅର୍ଥନୀତି ସମ୍ମାନରେ ସୁମନ୍ତ ସାହୁ ୧୪୦୦ରୁ ୧୧୯୪ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଇଂରାଜୀ ସମ୍ମାନରେ ପ୍ରୀତି ପଲ ୧୪୦୦ ରୁ ୧୧୧୨ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଇତିହାସ ସମ୍ମାନରେ ଜ୍ୟୋତିରାଣୀ ଓରାମ ୧୪୦୦ରୁ ୧୧୫୪ ନମ୍ବର ରଖି ପ୍ରଥମ, ଓଡିଆ ସମ୍ମାନରେ ରତନ କୁମାର ମହାକୁଡ ୧୪୦୦ ରୁ ୧୧୭୯ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଦର୍ଶନଶାସ୍ତ୍ର ସମ୍ମାନରେ ପଙ୍କଜୀନି ମହାନ୍ତ ୧୪୦୦ ରୁ ୧୦୩୩ ନମ୍ବର ରଖି ପ୍ରଥମ ହୋଇଛନ୍ତି । ରାଜନୀତି ବିଜ୍ଞାନରେ ମୋନିକା ବେହେରା ୧୪୦୦ ରୁ ୧୦୯୧ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସଂସ୍କୃତ ସମ୍ମାନରେ ସୁଭଦ୍ରା ଖଟୁଆ ୧୪୦୦ ରୁ ୧୧୪୫ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସମାଜ ବିଜ୍ଞାନରେ ସୌଭାଗ୍ୟ ରଞ୍ଜନ ଘଣା ୧୪୦୦ ରୁ ୧୧୧୦ ନମ୍ବର ଏବଂ ଶିକ୍ଷା ଶାସ୍ତ୍ରରେ ଲତିକା ମହାନ୍ତ ୧୪୦୦ ରୁ ୧୨୨୬ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଉଦ୍ଭିଦ ବିଜ୍ଞାନ ସମ୍ମାନରେ ପ୍ରତ୍ୟୁଷ କୁମାର ମହାନ୍ତ ୧୪୦୦ରୁ ୧୨୮୨ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ରସାୟନ ବିଜ୍ଞାନରେ ଜ୍ଞାନରଞ୍ଜନ ବାରିକ ୧୪୦୦ରୁ ୧୨୫୮ନମ୍ବର, କମ୍ପ୍ୟୁଟର ବିଜ୍ଞାନରେ ସୌଭାଗ୍ୟଲକ୍ଷ୍ମୀ ସାହୁ ୧୪୦୦ରୁ ୧୧୯୪ ନମ୍ବର, ଭୂତତ୍ୱ ସମ୍ମାନର ଅନ୍ନପୂର୍ଣ୍ଣା ବେହେରା ୧୪୦୦ ରୁ ୧୨୯୮ ନମ୍ବର, ଗଣିତ ସମ୍ମାନରେ ଅସିତ୍ କୁମାର ସାହୁ ୧୪୦୦ରୁ ୧୨୭୯ ନମ୍ବର, ପଦାର୍ଥ ବିଜ୍ଞାନ ସମ୍ମାନରେ ସରସ୍ୱତୀ ସୋରେନ ୧୪୦୦ରୁ ୧୨୭୮ ନମ୍ବର, ପ୍ରାଣୀ ବିଜ୍ଞାନ ସମ୍ମାନରେ ରୁକସାର ବାନୋ ୧୪୦୦ରୁ ୧୨୯୬ ନମ୍ବର ରଖି ପ୍ରଥମ ହୋଇଛନ୍ତି । ବାଣିଜ୍ୟ ବିଭାଗ ସମ୍ମାନରେ ଲକ୍ଷ୍ମୀ ଯାଦବ ୧୪୦୦ରୁ ୧୧୪୨ ନମ୍ବର ରଖି ପ୍ରଥମ ହୋଇଛନ୍ତି ବୋଲି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

# ଅହିଂସା ରଥର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ବିଭିନ୍ନ ଅଚଂଳ ପରିକ୍ରମଣ

ପୁରୀ,(ପି.ଏନ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ଆଜି କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକ ର ବିଭିନ୍ନ ଅଚଂଳ ପରିକ୍ରମା କରିବା ସହ ବିଶାଳ ଭିଡିଓ ୱ୍ାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ଜୀବନୀକୁ ପ୍ରଦର୍ଶନ କରିଥିଲା।। ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ,ଆଦର୍ଶ ଉପରେ ଆଧାରିତ ସୁନ୍ଦର ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଉଛି । ଗତକାଲି ନିମାପଡା ବ୍ଲକ ଓ ନିମାପଡା ଏନ ଏ ସି ର ବିଭିନ୍ନ ଅଚଂଳ ପରିକ୍ରମା କରିବା ପରେ ଅହିଂସା ରଥ କାକଟପୁର ରେ ଅବସ୍ଥାନ କରିଥିଲା । ଆଜି ପୂର୍ବାହ୍ନରେ କାକଟପୁର ବ୍ଲକ ର ବିଶ୍ୱାମିତ୍ର ଆଶ୍ରମ,ମା ମଗଂଳା ମନ୍ଦିର ଗେଟ କାକଟପୁର ହାଇସ୍କୁଲ ଓ ପରେ ମୂଳାଗଡ଼ ନିକଟରେ ରଥକୁ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଅସ୍ତରଙ୍ଗ ବ୍ଲକ ର ଲବଣ ସତ୍ୟାଗ୍ରହ ର ଐତିହାସିକ ପୀଠ କୁହୁଡି ଠାରେ ରଥକୁ ବିପୁଳ ସମ୍ବର୍ଦ୍ଧନା ସହ ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ସେହିପରି ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ, ଅସ୍ତରଙ୍ଗ ପଚାଂୟତ ଅଫିସ, ନଇଗୁଆଁ ଠାରେ ମଧ ଭବ୍ୟ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଜିଲ୍ଲା ପରିଷଦ ଉପାଧକ୍ଷ ଶ୍ରୀ ସ୍ୱାଧୀନ ନାୟକ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, କାକଟପୁର ବିଡ଼ିଓ ଶ୍ରୀ ତୁଷାର ଜ୍ୟୋତି ରଞ୍ଜନ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷ ଆରତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗୋପ ବ୍ଲକ ପକ୍ଷରୁ ଜଗଂଲବୋରି ପଚାଂୟତ କାର୍ଯ୍ୟାଳୟ ଠାରେ ରଥକୁ ସ୍ୱାଗତ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ନୂଆହାଟ ଉଚ୍ଚ ବିଦ୍ୟାଳୟ କୁ ଅଣାଯାଇ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ପରେ ବଉଲାଙ୍ଗ ଓ ଏରବଙ୍ଗ ଠାରେ ରଥ ପହଞ୍ଚି ଭିଡ଼ିଓ ଶୋ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ରେ ସଂଗ୍ରାମୀ ମାନଙ୍କ ସ୍ମୃତି କୁ ପ୍ରଦର୍ଶନ କରିଥିଲା । ଗୋପ ବିଡ଼ିଓ ଦୀପ୍ତି ରାଣୀ ଦାସ,ଲୋକ ପ୍ରତିନିଧି ଓ କର୍ମଚାରୀ ମାନେ ରଥ ପରିକ୍ରମାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରି ଥିଲେ । ପ୍ରତ୍ୟେକ ସ୍ଥାନରେ ସାଧାରଣ ଜନତା ହାତରେ ତ୍ରୀରଙ୍ଗା ପତାକା ଧରି ରଥକୁ ବିପୁଳ ସ୍ୱାଗତ କରିଥିଲେ ।

# ମାଲକାନଗିରି ଜିଲାର ପୁବତନ ଜିଲାପାଳ ଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ହତ୍ୟା ମାମଲା, ସିବିଆଇ ତଦନ୍ତ ଦାବି ରେ ହାଇକୋର୍ଟର ଦ୍ୱାରସ୍ଥ

ଜୟପୁର, (ପି.ଏନ): ମାଲକାନଗିରି ଜିଲାର ପୁବତନ ଜିଲାପାଳ ଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ଙ୍କ ହତ୍ୟା ମାମଲା ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଦାବୀ ହୋଇଛି । ଏନେଇ ସ୍ୱର୍ଗତ ପଣ୍ଡା ଙ୍କ ପତ୍ନୀ ବନଜା ପଣ୍ଡା ଏହି ମାମଲାର ସିବିଆଇ ତଦନ୍ତ କରାଇବା ପାଇ ଓଡିଶା ଉଚ୍ଚ ନ୍ୟାୟଳୟରେ ୧୧୦ ପୃଷ୍ଠାର ଏକ ତଥ୍ୟ ସମ୍ବଳି ଡବ୍ଲୁଆରଆଇଟି ଆବେଦନ କରିଛନ୍ତି । ୨୦୧୯ ଡିସେମ୍ବର ୨୭ ତାରିଖ ଦିନ ମାଲକାନଗିରିର ତତକାଳିନ ଜିଲାପାଳ ଙ୍କ ପିଏ ଦେବ ନାରାୟଣ ପଣ୍ଡାଙ୍କୁ ତାଙ୍କ ଆବାସିକ କାଯ୍ୟାଳୟରେ ଅତି ନିର୍ମର୍ମ ଭାବେ ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ଘଟାଇବାରେ ତତକାଳିନ ଜିଲାପାଳ ମନିସ ଅଗ୍ରଓାଲଙ୍କୁ ତାଙ୍କ ରେସିଡେନ୍ସ ଅଫିସର ଟମ୍ପରାରି ଟାଟା ଏଂଟ୍ରି ଅପରେଟର ଶ୍ରୀ ଭି ବେଣୁ,ଷ୍ଟେନୋଗ୍ରାଫର ପ୍ରକାଶ ସ୍ୱାଇଁ , ଜଣେ ଅବସର ପ୍ରାପ୍ତ ରେଭିନ୍ୟୁ ଅଫିସର ଭଗବାନ ପାଣିଗ୍ରାହୀ ଏହି ୩ ଜଣ ମିଶି ସହ ଯୋଗ କରିଥିଲେ । ଯେଉଁଠି ଜିଲାପାଳ ନିଜେ ହତ୍ୟାକାରି ଏବଂ ଜିଲାପାଳ ଙ୍କ ରିସିଡେନ୍ସ ଅଫିସର କାଯ୍ୟରତ ର୍ମଚାରି ହତ୍ୟା ଘଟଣାର ସହଯୋଗି ସେଠି ହତ୍ୟା ଘଟଣାକୁ ଚପାଇ ଦେବାକୁ ଯାଇ ତତକାଳିନି ମାଲକାନଗିରି ଏସପି ଋଶିକେଷ ଦିଆନ ଦେଓ ଖିଲାର ଏକ ସୁପରିକଳ୍ପିତ ଆତ୍ମହତ୍ୟାର ରୁପ ଦେବା ପାଇ ବ୍ୟବସ୍ଥା କରିଦେଲେ ଏବଂ ତାଙ୍କ ନିଦ୍ଦେଷ କ୍ରମେ ମାଲକାନଗିରିର ସବୁ ପୋଲିସ ଘଟଣାକୁ ଚପାଇ ଦେବା ପାଇ ନିଜ ନିଜ କାମରେ ଲାଗିଲେ । ହତ୍ୟା ଘଟଣା ଘଟିବାର ୧୩ ମାସ ପରେ ତାଙ୍କ ପତ୍ନି ବନଜା ପଣ୍ଡା ପ୍ରମାଣ ସଗ୍ରହ କରି ନିଶ୍ଚିତ ହେଲେ ଯେ ମାଲକାନଗିରିର ଏସପି ଋଷିକେଶ ଦିଆନ ଦେଓ ଖିଲାର କଲେକ୍ଟର ମନିସ ଅଗ୍ରଓାଲ ଙ୍କୁ ବଂଚାଇବା କୁ ଯାଇ ଅନ୍ୟ ପୋଲିସ ଅଫିସର ସହାୟତାରେ ହତ୍ୟା ଘଟଣାକୁ ଚପାଇଦେବା ପ୍ରମାଣକୁ ନଷ୍ଟ କରିବା ସାକ୍ଷି ମାନଙ୍କୁ ଧମକାଇବା ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଧମକ ଦେଇ ଥାନାକୁ ନେଇ ଧମକ ଦେବା, ଓ ସ୍ୱର୍ଗତ ପଣ୍ଡା ଙ୍କ ପତ୍ନି ନିକଟକୁ ପୋଲିସ ଏଜେଂଟକୁ ଛଦ୍ମ ବେଶରେ ପଠାଇ ପ୍ରମାଣ ନଷ୍ଟ କରିବା ପାଇ ଆବଷ୍ୟକିୟ କାଗଜ ପତ୍ର ଭୟ ଦେଖାଇ ନେଇଯିବା ଆଦି ଅପରାଧିକ କାଯ୍ୟରେ ଲିପ୍ତ ଅଛନ୍ତି । ସେହି ସମୟରେ ଏସଡିଜେଏମ କୋର୍ଟରେ ଏକ ଓାନସିସି ମାମଲା ଦାୟର କରିଥିଲେ । ମାମଲାର ଶୁଣାଣି ପରେ ଜଜ ଏହି ପୋଲିସ ଅଫିସର ଙ୍କ ବିରୁଦ୍ଧରେ ନିୟମ ଅନୁଯାଇ ସିଆରପିସି ଅନୁଯାଇ ଆବଷ୍ୟକିୟ ସାଙ୍ଗକସନ ଆଣିବାକୁ ଆର୍ଡର କଲେ । ପତ୍ନି ପଣ୍ଡା ସେହି ଅର୍ଡର ରାଜ୍ୟ ସରକାରଙ୍କ ଗୃହ ବିଭାଗ, ମୁଖ୍ୟ ଶାସନ ସଚିବ, ଡିଜିପି, ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଡାକ ଯୋଗେ ବହୁ ବାର ଲିଖିତ ଆବେଦନ କରାଯାଇଥିଲା । କିନ୍ତୁ କିଛି ପଦକ୍ଷେପ ନେଇ ନାହିନ୍ତି । ସଡିଜେମ କୋର୍ଟ ରେ କରାଯାଇଥିବା ଆଇସିସି ମାମଲା ହୋମ ଡିପାଟମେଂଟ ଠାରୁ ସିଆରପିସର ଧାରା ୧୯୭ ଅନୁଯାଇ ମଗାଯାଇଥିବା ଅଡର ବନଜା ବହୁ ବାର ଅନୁରୋଧ କରିବା ସ୍ୱତେ ଆଜି ଯାଏ ନ ମିଳିବାରୁ ତାହା କୋର୍ଟ ରେ ଆଗେଇ ପାରି ନାହିଁ । ଲୋକ ଦେଖାଣିଆ ପାଇ ତଦନ୍ତ ଚାଲିଥିଲେ ମଧ ସାରା ମାମଲା ଟି ତାମାସାରେ ପରିଣତ ହୋଇଛି । ଯେଉଠି ନ୍ୟାୟ ପାଇବା ଏକ ସୁଦୁର ପ୍ରସାର ସଂଘର୍ଷ ବୋଲି ବନଜା ଓ ତାଙ୍କ ପିଲା ସୁଚନା ଦେଇଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday August 19, 2022 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୧୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ଅହିଂସା ରଥକୁ କୋଣାର୍କରେ ସ୍ୱାଗତ



କୋଣାର୍କ ,(ପି.ଏନ): ସ୍ୱାଧୀନତା ର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ମହାତ୍ମାଗାନ୍ଧୀ ଙ୍କ ଓଡିଶା ଗସ୍ତର ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗ୍ରହ କରାଯାଇ ଚଳଚ୍ଚିତ୍ର ମାଧ୍ୟମରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନରେ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅହିଂସା ରଥ ନାମରେ ୨ଗୋଟି ଭିଡିଓ ଗାଡି ଚଳିତ ମାସ ୧୬ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ପରିକ୍ରମା କରୁଛନ୍ତି । ଏହି ଅବସରରେ ଆଜି ଅପରାହ୍ନରେ ୩ଟା ସମୟରେ କୋଣାର୍କର ଅଗ୍ରଣୀ ସର୍ବୋଚ୍ଚସେବୀ ସଂଗଠନ ଅର୍କଶ୍ରୀ ର ଶିଳ୍ପୀ ବାଟିକା ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା । କୋଣାର୍କ ଏନଏସିର ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ସିଆରସି ରବିନ୍ଦ୍ରନାଥ ବାହିନୀପତି, ଅର୍କଶ୍ରୀ ର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ସମେତ ଆଶ୍ରମ ସ୍କୁଲ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟା ପୀଠ, ମହିଳା ମଣ୍ଡଳ, କୋଣାର୍କ ନାଟ୍ୟ ମଣ୍ଡପର ଛାତ୍ରଛାତ୍ରୀ ମାନେ ଭବ୍ୟ ସ୍ୱାଗତ କରିଥିଲେ । ଏହାପରେ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ, କୋଣାର୍କ ଆଶ୍ରମ ସ୍କୁଲ ଓ ମେଡିକାଲ ଛକଠାର ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏହି ପରିକ୍ରମା କରିବା ସମୟରେ ଏକ ବିଶାଳ ଭିଡିଓ ୱାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ଜୀବନୀକୁ ପ୍ରଦର୍ଶିତ କରିଥିଲା । ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ, ଆଦର୍ଶ ଉପରେ ଆଧାରିତ ସୁନ୍ଦର ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଇଥିଲା । ପ୍ରତ୍ୟେକ ସ୍ଥାନରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ହାତରେ ତ୍ରୀରଙ୍ଗା ପତାକା ଧରି ରଥକୁ ବିପୁଳ ସ୍ୱାଗତ କରିଥିଲେ। କୋଣାର୍କ ନାଟ୍ୟ ମଣ୍ଡପର ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହ ଦେଶାତ୍ମବୋଧକ ସଂଗୀତ ତାଳରେ ନୃତ୍ୟ ପରିବେଷଣ କରିଥିଲେ।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସ୍ୱତନ୍ତ୍ର ଅଧିବେସନ

କେନ୍ଦ୍ରାପଡ଼ା,(ପି.ଏନ): ପବିତ୍ର ରେଖା ପଞ୍ଚମୀରେ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଏକ ସ୍ୱତନ୍ତ୍ର ଅଧିବେସନ ସଭାପତି ପଣ୍ଡିତ ଧ୍ରୁବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଇଚ୍ଛାପୁରସ୍ଥିତ ସିଦ୍ଧ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ବେଦପାଠ କରିଥିଲେ ପଣ୍ଡିତ ମହେଶ୍ୱର ପାଣି । ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଆଭିମୁଖ୍ୟ ଓ ନିୟମାବଳୀ(ବାଇ-ଲ) ପୁସ୍ତିକାଟି ପ୍ରସ୍ତୁତ କରାଯାଇ ବୈଠକରେ ବିଶଦଃ ଭାବରେ ପାଠ କରାଯାଇ ସର୍ବ ସମ୍ମତିକ୍ରମେ ଗୃହୀତ କରାଯାଇଥିଲା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଏହି ପଣ୍ଡିତ ସଭାରେ ଅଧିକରୁ ଅଧିକ ଜ୍ଞାନିଗୁଣୀଜନମାନଙ୍କୁ ଯୋଗଦେବାପାଇଁ ମଧ୍ୟ ନିବେଦନ କରାଯାଇଛି । ଏହି ପଣ୍ଡିତ ସଭା ଗଠନର ମୂଳ ଉଦେଶ୍ୟ ହେଉଛି ସମାଜର ହିତ ସାଧନ । ଏହି ସ୍ୱତନ୍ତ୍ର ଅଧିବେସନରେ ପଣ୍ଡିତ ନାରାୟଣ ପତି, ଭ୍ରମରବର ନନ୍ଦ, କିଶୋର ଚନ୍ଦ୍ର ନନ୍ଦ, ସମ୍ପାଦକ ସତ୍ୟନାରାୟଣ ପତି, ସହ ସମ୍ପାଦକ ନୃସିଂହ ଚରଣ ପତି, ଯୁଗ୍ମ ସମ୍ପାଦକ ସୁବାଷ ଚନ୍ଦ୍ର ପାଣି ଓ ମାଧବ ଚନ୍ଦ୍ର ପତି, କୋଷାଧ୍ୟକ୍ଷ ମହେଶ୍ୱର ପାଣି, କାର୍ଯ୍ୟକାରୀ ସଭ୍ୟ ମୁରଲୀଧର ଷଡଙ୍ଗୀ, ହରେକୃଷ୍ଣ ପତି, ନରେନ୍ଦ୍ର ତ୍ରିପାଠୀ, ରବିନ୍ଦ୍ର ନାୟକ(ଜ୍ୟୋର୍ତିବିଦ୍) ଓ ହରପ୍ରିୟା ଦାଶ ପ୍ରମୁଖ ଯୋଗଦାନ କରି ନିଜସ୍ୱ ମତ ପ୍ରଦାନ କରିଥିଲେ । ଶେଷରେ ପଣ୍ଡିତ ସୁବାଷ ଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡୀମନ୍ଦିରରେ ଜନ୍ମାଷ୍ଟମୀ ପାଳନ



ଚଣ୍ଡିଖୋଲ,(ପିଏନ):ପର୍ଯ୍ୟଟନ କ୍ଷେତ୍ର ଚଣ୍ଡୀମନ୍ଦିରରେ ଆଜି ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମଦିନ ମହାସମାରୋହରେ ପାଳନ କରାଯାଇଛି। ଦୀର୍ଘ ୮୯ ବର୍ଷଧରି ଭଗବାନ ଶ୍ରୀ କୃଷ୍ଣଙ୍କ ଜନ୍ମଦିନରେ ଜନ୍ମାଷ୍ଟମୀ ପାଳନ କରାଯାଉଅଛି।୧୯୩୩ ମସିହାରେ ବାବା ଭୈରବାନନ୍ଦ ବ୍ରମ୍ହାଚାରୀ ମା ଚଣ୍ଡୀ ମନ୍ଦିରରେ ଜନ୍ମାଷ୍ଟମୀ ଉଛବକୁ ପାଳନ କରିଆସୁଥିଲେ। ବାବାଙ୍କର ମହାପ୍ରୟାଣ ପରେ ଟ୍ରଷ୍ଟି ବୋର୍ଡ ଦ୍ୱାରା ଉଛବକୁ ମହାସମାରୋହରେ ପାଳିତ କରିଆସୁଅଛି। ଆଜି ବ୍ରାହ୍ମଣ ସନ୍ତୋଷ କୁମାର ପାଢ଼ୀ, ଆନନ୍ଦ ପଣ୍ଡା ଭଗବାନ କୃଷ୍ଣଙ୍କର ପୂଜାରଚନା କରିଥିଲେ। ସେଠାରେ ଅଖଣ୍ଡ ନାମ ଯଂଜ୍ଞ ପାଳନ ହେଇଅଛି.ଚଣ୍ଡୀ ମନ୍ଦିର ଟ୍ରଷ୍ଟି ବୋର୍ଡର ସଭ୍ୟ ବ୍ରଜ କିଶୋର ଜେନା,ଶେଷଦେବ ନାୟକ,କୁଳମଣି ନାୟକ,ସତ୍ୟବାନ ନାୟକ, ଅଖୟ କୁମାର ସ୍ୱାଇଁ,ଅନନ୍ତ କୁମାର ବେହେରା,ବିନାୟକ ସାହୁ, ସାମ୍ବାଦିକ ଶିବରାମ ସାହୁ,ସୁରେନ୍ଦ୍ର ସାମଲ,ଦିଲୀପ ସାହୁ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଏଥିରେ ସହଯୋଗ କରିଥିଲେ.ସେହିପରି ଚାରଣ ଗୋଷ୍ଠୀ ଓଡିଶା ପକ୍ଷରୁ ପ୍ରଭୁ ଶ୍ରୀ ଜଗନାଥଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହେଇଯାଇଛି। ସେଠାରେ ଚାରଣ ଗୋଷ୍ଠୀ ଓଡ଼ିଶାର ଅଧକ୍ଷ ଉଦୟନାଥ ସାହୁ, ପଣ୍ଡିତ ଦେବବ୍ରତ ଦେବତା ଭଗବାନ କୃଷ୍ଣଙ୍କର ପୂଜାର୍ଚ୍ଚନା କରିଥିଲେ.ସେଠାରେ ଚାରଣ ଗୋଷ୍ଠୀର ଶ୍ରଦ୍ଧାଳୁ ମାନେ ଯୋଗଦେଇ ଉଛବକୁ ମୁଖରିତ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର(ପି.ଏନ): କେନ୍ଦୁଝର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ କେନ୍ଦୁଝର ନଗରଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶ୍ରୀକୃଷ୍ଣ ବେଶଧାରୀ ଶିଶୁମାନଙ୍କୁ ନେଇ କେନ୍ଦୁଝର ନଗରରେ ଏକ ରାଲି କରାଯାଇଥିଲା। ସହର ପରିକ୍ରମା କରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ତୁଷାରକାନ୍ତ ସାମନ୍ତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟ ସତସଂଗ ପ୍ରମୁଖ ଗଣେଶ୍ୱର ସାହୁ ଯୋଗଦେଇ ବର୍ତ୍ତମାନ ସମାଜର ପରିସ୍ଥିତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଦର ବିଧାୟକ ମୋହନ ଚରଣ ମାଝୀ,ରାଜ୍ୟ ସହ ବିଶେଷ ସଂପର୍କ ପ୍ରମୁଖ ଇଂ ବସନ୍ତ କୁମାର ଦାନୀ, ଉମାକାନ୍ତ ଦାସ,ସୁବ୍ରତ ସାହୁ ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଓ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଆନନ୍ଦପୁର,(ପି.ଏନ): ଆଜି ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ମଧୁସୂଦନ ଶା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମ୍ଭାଗ ସଂଯୋଜକ ବିଶ୍ୱମ୍ଭର ଦ୍ୱାରୀ, ଆନନ୍ଦପୁର ସଂକୁଳ ପ୍ରମୁଖ ନିରାକାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦିକା ଉଷାରାଣୀ ଜେନା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ଓ ବାଲ୍ ବର୍ଗର ୩୭ଜଣ କୁନି କୁନି ବୈଜ୍ଞାନିକ ପ୍ରକଳ୍ପ ଧରି ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ଅବସରପ୍ରାପ୍ତ ଅଧ୍ୟାପକଙ୍କ ଦ୍ୱରା ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନେ ଆସନ୍ତା ୨୦.୦୮.୨୦୨୨ରିଖରେ ସଂକୁଳ ଜ୍ଞାନ ବିଜ୍ଞାନ ମେଳା ଅଳତୀରେ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଥିଲା ।

# ଆଜାଦି କା ଅମୃତ ମହୋତ୍ସବ



ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଆଜାଦି କା ଅମୃତ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ମେଡର ଡଃ. ଦିଲ୍ଲୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମେ ଛାତ୍ର ଓ ଛାତ୍ରୀ ନିବାସରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ପରେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଏନ୍‌ସିସି କ୍ୟାଡେଡ୍, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଅନ୍ୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ନୃସିଂହ ଚରଣ ନନ୍ଦ, ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର କର, ପୁରାତନ ଛାତ୍ର ସଂଘର ସଭାପତି ରାମଚନ୍ଦ୍ର ସୁରଙ୍କ ଉପସ୍ଥିତିରେ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା ।

# ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ମନ୍ତ୍ରୀ ପ୍ରମିଳା ମଲିକ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ପ୍ରଥମେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ମନ୍ତ୍ରୀଙ୍କୁ ସୂଚନା ଦେବାକୁ ଯାଇ କହିଥିଲେ ଯେ ଜିଲ୍ଲାର ମହାନଦୀ ସିଷ୍ଟମର ପାଇକା, ଲୁଣା, କରାଣ୍ଡିଆ ଏବଂ ଚିତୋତ୍ପଳା ନଦୀର ୧୦୧ଟି ସ୍ଥାନରେ ଘଳିଆ ପଡିଥିଲା। ଜଳସେଚନ ବିଭାଗର ଯନ୍ତ୍ରୀ ଓ କର୍ମଚାରୀଙ୍କ ସମେତ ଜିଲ୍ଲା ପ୍ରସାଶନ ପକ୍ଷରୁ ଅଧିକାରୀମାନେ ରାତିଦିନ ଉକ୍ତ ନଦୀବନ୍ଧରେ ଉପସ୍ଥିତ ରହିବା ସହିତ ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧିମାନଙ୍କ ସହଯୋଗରେ ସେହିସବୁ ସ୍ଥାନରେ ସୃଷ୍ଟି ହୋଇଥିବା ଘଳିଆ ଗୁଡିକୁ ବାଲିବସ୍ତା ଓ ମାଟିଚେକା ପକାଇ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ରଥ କହିଥିଲେ ଯେ ଗତ ୧୬ତାରିଖ ରାତିରୁ ୧୭ତାରିଖ ରାତି ପର୍ଯ୍ୟନ୍ତ ସମୟ ଆମ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ହିରାକୁଦ ଜଳଭଣ୍ଡାରରୁ ନିଷ୍କାସନ ହୋଇଥିବା ପାଣି ମୁଣ୍ଡୁଳି ଠାରେ ୧୨ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ପ୍ରବାହିତ ହେଉଥିଲା। ସେହି ବନ୍ୟା ପାଣି ମହାନଦୀ ସିଷ୍ଟମର ଲୁଣା, କରାଣ୍ଡିଆ, ପାଇକା ଓ ଚିତ୍ରୋତ୍ପଳା ନଦୀରେ ପହଞ୍ଚିବା ପରେ ଏଠାରେ ବନ୍ୟା ପରସ୍ଥିତି ସଂଗୀନ ହୋଇପଡିଥିଲା। ପାଇକା ନଦୀର ବାମପଟ ବନ୍ଧ ସର୍ବଦା ବନ୍ୟା ସମୟରେ ଅତ୍ୟନ୍ତ ଅସୁରକ୍ଷିତ ହୋଇପଡିଥାଏ। ଚଳିତଥର ମଧ୍ୟ ସେହି ବନ୍ଧର ୪/୫ଟି ସ୍ଥାନରେ ଘଳିଆ ପଡିଥିଲା। କିନ୍ତୁ ଜଳସେଚନ ବିଭାଗର ଯନ୍ତ୍ରୀ ଓ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସେହିସବୁ ଘଳିଆକୁ ବନ୍ଦ କରିଦେବାକୁ ସମର୍ଥ ହୋଇଥିଲେ। ଫଳରେ ସେଠାରେ ସମ୍ଭାବ୍ୟ ନଦୀ ବନ୍ଧ ଭାଙ୍ଗିବା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିଥିଲା। ଏତଦବ୍ୟତିତ ଲୁଣା ଓ କରାଣ୍ଡିଆ ନଦୀର ୪୫ଟି ସ୍ଥାନରେ ଘଳିଆ ପଡିଥିବା ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରିଥିଲେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ରଥ। ଜିଲ୍ଲାପାଳ ଶ୍ରୀ ଋତୁରାଜ ସମ୍ଭାବ୍ୟ ବନ୍ୟା ନିମନ୍ତେ ଜିଲ୍ଲା ପ୍ରଶାସନ ନେଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଯୋଗଦେଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସାବ୍ୟସଚି ନାୟକ କହିଲେ ଯେ ମାର୍ଶାଘାଇସ୍ଥିତ ଗହଗା ପାଟରେ ଥରବା ସ୍ଲୁଇସ ଗେଟଟି ଠିକ ଭାବେ କାମ କରୁନାହିଁ। ତାହାର ଜରୁରୀ ମରାମତି ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସ୍ଲୁଇସ ଗେଟ ଗୁଡିକର ବନ୍ୟା ଜନିତ ପରିସ୍ଥିତି ଯୋଗୁଁ ତୁରନ୍ତ ମରାମତି କରାଯିବାକୁ ଦାବି କରିଥିଲେ। କାରଣ ଜିଲ୍ଲାର ସ୍ଲୁଇସ ଗେଟ ଗୁଡିକ ସଠିକ ଭାବରେ କାମ କରୁନଥିବା ବେଳେ ସେହି ବାଟଦେଇ ପାଣି ଲିକ କରୁଛି। ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ମଲିକ ଜଳସେଚନ ବିଭାଗ ସମେତ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପ୍ରଭୃତିକୁ ବନ୍ୟା ଜନିତ ପରିସ୍ଥିତିକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳକୁ ପରିଦର୍ଶନରେ ଯାଇଥିଲେ ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ମଲିକ। ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ଉପସଭାପତି ଅଶୋକ ପ୍ରତିହାରୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ନଗରପାଳ ସରିତା ସାହୁ, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରବୋଧ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ନିର୍ବାହୀଯନ୍ତ୍ରୀମାନେ ଉପସ୍ଥିତ ଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray